■ ବନ ବିଭାଗ କାର୍ଯ୍ୟାଳୟରେ ସାଗୁଆନ ପଟା ଚିରଟ

## କାର୍ଯ୍ୟାଳୟ ଝରକା , କବାଟ ମରାମତି ହେବ!



କୋରୁକୋଣ୍ଡା, ୫।୪(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ବନ ବିଭାଗ କାର୍ଯ୍ୟାଳୟରେ ହେଉଛି ସାଗୁଆନ ଗଛରୁ ପଟା ବାହାର କରାଯାଉଛି ।ବିଭିନ୍ନ ସ୍ଥାନରେ ଚଢ଼ଉ କରି ବେଆଇନ କାଠ ଜବତ ହେଉଥିବା ବେଳେ ବିଭାଗ ଅଧୀନରେ ଥିବା ଜବତ କାଠକୁ ଅଧିକାରୀ ବେଧଡ଼କ ସ୍ୱଷ୍ଟ ଦିବାଲୋକରେ କାଯ୍ୟାଳୟ ପରିସରରେ କାଟିବାରେ ଲାଗିଛନ୍ତି । ସ୍ଥାନୀୟ ବନପାଳ ଜ୍ୟୋତି ଡୁଙ୍ଗଡୁଙ୍ଗଙ୍କୁ ପଚାରିବାରୁ ସେ କହିଥିଲେ ଯେ, ନୂତନ କାର୍ଯ୍ୟାଳୟ ନିର୍ମାଣ ସମୟରେ ଯେଉଁ ସାଗୁଆନ ଗଛ କଟାଯାଇଥିଲା, ସେହି କାଠକୁ କଟାଯାଉଛି । ସେହି ପଟାରେ କାର୍ଯ୍ୟାଳୟର ଝରକା, କବାଟ ନିର୍ମାଣ କରାଯିବ । ପଟା କାଟିବା ନିମନ୍ତେ ଅନୁମତି ନିଆଯାଇଛି କି ନାହିଁ ପଚାରିବାରୁ ସେ କହିଥିଲେ ଯେ ବର୍ତ୍ତମାନ ସେ ବ୍ୟସ୍ତ ଅଛନ୍ତି ସୋମବାର ଦିନ ଜଣାଇବେ ।

## ଗିରଲା ବାରୁଦ କାରଖାନା ସମ୍ପ୍ରସାରଣ ପାଇଁ ଜମି ପ୍ରଦାନକୁ ବିରୋଧ

# ଆଲୋଚନା କଲେନି ଜିଲ୍ଲାପାଳ, ଗ୍ରାମବାସୀଙ୍କ ରାସ୍ତାରୋକ

କୋଷାଗୁମୁଡ଼ା,୫।୪(ସମିସ): ଆଜି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍‌ର ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ କଦଭଟା ଗ୍ରାମର ଶତାଧିକ ଗ୍ରାମବାସୀ ମୁଖ୍ୟ ରାସ୍ତା ତଥା ଛତିଶଗଡ଼କୁ ଗିରଲା ପଟୁ ସଂଯୋଗ କରୁଥିବା ରାସ୍ତା ଉପରେ ପ୍ରାୟ ୩ଘଣ୍ଟା କାଳ ବସି ରହିଥିଲେ । କାରଣ ହେଲା ବିଗତ ଗୁରୁବାର ଦିନ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କୋଦଭଟା ଗ୍ରାମକୁ ଯାଇ ସୂଚନା ଦେଇଥିଲେ ଯେ, ଶନିବାର ୪ତାରିଖ ଦିନ ଜିଲ୍ଲାପାଳ ଗ୍ରାମବାସୀଙ୍କ ସହ ଜମିଅଧିଗ୍ରହଣ ବିଷୟରେ ଆଲୋଚନା କରିବେ ।

ସୂଚନା ଅନୁସାରେ କିଛି ଦିନ ପୂର୍ବେ କିଛି ଅଧିକାରୀ ଆସି କୋଦଭଟା ଗ୍ରାମର ଜମି, ଜାଗାକୁ ଯାଞ୍ଚ କରି ଯାଇଥିବା ଗ୍ରାମର ମହିଳା ମାନେ ଦେଖିଥିଲେ । ଏହି ବିଷୟରେ ଗ୍ରାମବାସୀ କିଏ କଣ ପାଇଁ ଆସିଥିଲେ ବୋଲି ନିଜ ନିଜ ମଧ୍ୟରେ ଆଲୋଚନା କରିଥିଲେ । ରାଜସ୍ୱ ନିରୀକ୍ଷକ ଗ୍ରାମରେ ଜମିଅଧିଗ୍ରହଣ ବିଷୟରେ ଜିଲ୍ଲାପାଳ କଥା ହେବା ଆସିବେ ବୋଲି କହିବାରୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅପେକ୍ଷା କରିଥିଲେ । ଜିଲ୍ଲାପାଳ ଓଡ଼ିଶା ସୀମାରେ ଥିବା ଗିରଲା ବାରୁଦ କାରଖାନା ଭିତରକୁ ଗଲେ ଏବଂ ବୈଠକ ସାରି ଫେରି ଯାଇଥିଲେ । କିନ୍ତୁ ଗ୍ରାମବାସୀଙ୍କୁ ଭେଟିଲେ ନାହିଁ ।



ତେଣୁ ଗ୍ରାମବାସୀ ମୁଖ୍ୟ ରାସ୍ତା ଉପରକୁ ଆସି ପ୍ରାୟ ୩ଘଣ୍ଟା କାଳ ବିରୋଧ ପ୍ରଦର୍ଶନ କରିଥିଲେ । ନିଜ ଭିଟାମାଟିକୁ ନିଜ ପ୍ରାଣ ଥିବା ପର୍ଯ୍ୟନ୍ତ କଦାପି କାହାକୁ ଦେବୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି । ପୂର୍ବରୁ ସରକାର ଗ୍ରାମବାସୀଙ୍କ ଠାରୁ ପ୍ରାୟ ୯ଶହ ଏକର ଜମି ଛତିଶଗଡ଼ ଓ ଓଡ଼ିଶା ସୀମାରେ ଥିବା ଗିରଲା ବାରୁଦ କାରଖାନାକୁ ଦେଇଛନ୍ତି । ପୁଣି କିଛି ବର୍ଷ ପୂର୍ବେ ପୁନର୍ବାର ବାରୁଦ କାରଖାନା ନିଜ ପାଚେରୀକୁ କୋଦଭଟା ଗ୍ରାମ ପଟକୁ ସମ୍ପ୍ରସାରଣ କରିଥିଲା । ଆଉଥରେ କୋଦଭଟା ଗ୍ରାମବାସୀଙ୍କ ଭିଟାମାଟି ଛଡେଇ ନେଇଯିବ କି ବୋଲି ଲୋକଙ୍କ ମନରେ ଏକ କୋକୁଆ ଭୟ ଦେଖିବାକୁ ମିଳିଛି । କିପରି ନିଜ ନିଜର ଭିଟାମାଟିକୁ ସୁରକ୍ଷାର ସହ ନିଜର ପିଢି ପାଇଁ ରଖିବେ ବୋଲି ସମୂହ ଗ୍ରାମବାସୀ ଚିନ୍ତାରେ ପଡ଼ିଛନ୍ତି । ପୂର୍ବରୁ ଜମିଅଧିଗ୍ରହଣ ବେଳେ ବିସ୍ଥାପିତଙ୍କୁ ଖୁବ୍ କମ୍ ଶୁଳ୍କ ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ଜଣେ ହେଲେ କୋଦଭଟା ଗ୍ରାମର ଲୋକଙ୍କୁ ଶ୍ରମିକ ଭାବେ ବି ରଖା ଯାଇନାହିଁ । ଛତିଶଗଡ ଏବଂ ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ଦେଇଆସିଛନ୍ତି । ବର୍ତ୍ତମାନ ଗ୍ରାମରେ ବହୁ ଶିକ୍ଷିତ ବେକାର ଯୁବକ ଯୁବତୀ ଅଛନ୍ତି । ଜମି ଅଧିଗ୍ରହଣ କଲେ ଉଚିତ ପ୍ରୋତ୍ସାହନ ରାଶି, କ୍ଷତିପୂରଣ ସହ ପ୍ରତ୍ୟେକ ଭୂମିହରା ପରିବାରର ଲୋକଙ୍କୁ କାରଖାନାରେ ନିଯୁକ୍ତି ଦେବାକୁ ପଡ଼ିବ । ଏହି ଜମି ଅଧିଗ୍ରହଣରେ ବର୍ତ୍ତମାନ ଜିଲ୍ଲାପାଳ ନିଜେ ଆଲୋଚନା କରିବା ସହ ଗ୍ରାମବାସୀଙ୍କୁ ସହଯୋଗ କରିବାକୁ ଗ୍ରାମବାସୀ କହିଛନ୍ତି । ଏହି ବିଷୟରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କହିଛନ୍ତି, ପ୍ରଥମେ ପଲ୍ଲୀସଭାରେ ସମସ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ଯାଇ କୌଣସି ନିଷ୍ପତ୍ତି ସରକାର ନେବେ । ତା ପରେ ଗ୍ରାମବାସୀଙ୍କ ସମ୍ମତିରେ ଆଗକୁ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହେବ । ବର୍ତ୍ତମାନ ଏହି ବିଷୟରେ ଜିଲ୍ଲାପାଳ କୌଣସି ସୂଚନା ଗ୍ରାମବାସୀଙ୍କୁ ନଦେଲେ ଗ୍ରାମବାସୀ ତହସିଲ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯିବେ ଏବଂ ଦରକାର ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି ।

## ପୁଞ୍ଜାପାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ରାୟଗଡ଼ା,୫।୪(ସମିସ): ରାୟଗଡ଼ ଜିଲ୍ଲା ସଦର ବ୍ଲକ କୁମ୍ଭୀକୋଟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୁଞ୍ଜାପାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ରାୟଗଡ଼ା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଛବିଲାଲ ସିଂ, ସମିତି ସଭ୍ୟ ଅମିଶ ମାଣ୍ଡାଙ୍ଗି, ୱାର୍ଡ ସଭ୍ୟ ବିଡିଓ ମଣ୍ଡାଙ୍ଗି, ଅନନ୍ତ ମାଣ୍ଡାଙ୍ଗି, ପୂର୍ଣ୍ଣଚନ୍ଦ୍ର ନାଲା, କାନନ ବାଲା ନନ୍ଦୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ରମେଶ ଚନ୍ଦ୍ର ସାହୁ ଓ ମୁରଲୀ କ୍ରିଷ୍ଣା ପଟ୍ଟନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟ ସମ୍ପାଦନା ହୋଇଥିଲା । ସଭାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମୃଣ୍ମୟୀ ରାଉତ ଓ ଟି. ରାଜେଶ୍ୱରୀ ପରିଚାଳନାରେ ସହଯୋଗ କରିଥିଲେ । ଶିକ୍ଷକ ସୁନନ୍ଦ କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟରେ କ୍ରୀଡା ଓ ଶିକ୍ଷା କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଯାହାକୁ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଅତିଥିମାନେ ଉପଭୋଗ କରିଥିଲେ ।

## ୩ ସପ୍ତାହ ହେଲା ବାଗ୍ରୀ ଗାଁ ଅନ୍ଧାରରେ

ପୋଡ଼ାଗଡ଼, ୫।୪(ସମିସ): କୋରାପୁଟ ଜିଲ୍ଲାରେ ବିଦ୍ୟୁତ ଉତ୍ପାଦିତ ହେଉଥିଲେ ମଧ୍ୟ ଜିଲ୍ଲାର ଉପଭୋକ୍ତା ଅନେକ ସମୟରେ ଅନ୍ଧକାର ଜୀବନ ଅତିବାହିତ କରୁଛନ୍ତି । ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି ଦଶମନ୍ତପୁର ବ୍ଲକ ଅଧିନସ୍ଥ ଡୁମ୍ବାଗୁଡ଼ା ପଞ୍ଚାୟତର ଭିତର ବାଗ୍ରୀ ଗାଁରେ । ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅନେକ ଥର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ କି କର୍ଣ୍ଣପାତ ମଧ୍ୟ କରୁନାହାନ୍ତି ବୋଲି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ବିଦ୍ୟୁତ ଯୋଗାଣ ନହେଲେ ଆନ୍ଦୋଳନ କରିବା ନେଇ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ରତ୍ନାକର ମୁଦୁଲି, ଲକ୍ଷ୍ମୀଧର ଜାନି, ରାମ ମୁଦୁଲି ପ୍ରମୁଖ କହିଛନ୍ତି । ଭିତର ବାଗ୍ରୀ ଗ୍ରାମରେ ପ୍ରାୟ ୨୫୦ ଆଦିବାସୀ ପରିବାର ବସବାସ କରନ୍ତି । ଜନସଂଖ୍ୟା ୬୦୦ରୁ ଅଧିକ । ଗତ ୧୫ ଦିନ ହେବ ଗାଁ ପାଖରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରେ ସଂଯୋଗ ତାର ଢିଲା ହୋଇ ରହିଛି । ଯାହା ଫଳରେ ଗ୍ରାମରେ ବିଦ୍ୟୁତ୍ ବିତରଣ ହୋଇପାରୁ ନାହିଁ । ତାହାର ମରାମିତି ନିମନ୍ତେ ଗ୍ରାମବାସୀ ଅନେକ ବାର ଦେୟମୁକ୍ତ ଫୋନ୍ ନମ୍ବରରେ ଫୋନ ଯୋଗାଯୋଗ କରିଥିଲେ । ଯୋଗାଯୋଗ କରିଥିଲେ ସୁଦ୍ଧା କେହି ଶୁଣିନଥିବା କହିଛନ୍ତି ।

## ଜନଗଣନା ପାଇଁ ସଚେତନତା

# 'ସିୱା' ପକ୍ଷରୁ ସାଇକଲ୍ ଶୋଭାଯାତ୍ରା

ଜୟପୁର, ୫।୪(ସମିସ): ଭାରତୀୟ ଜାତୀୟ ଜନଗଣନା ୨୦୨୭ କାର୍ଯ୍ୟକ୍ରମରେ ଜୟପୁର ସହରବାସୀଙ୍କୁ ସ୍ୱେଚ୍ଛାକୃତ ଭାବେ ଅଂଶଗ୍ରହଣ କରିବା ଦିଗରେ ସଚେତନ କରିବା ଲକ୍ଷ୍ୟରେ ସମାଜସେବୀ ସଂଗଠନ "ସିୱା' ପକ୍ଷରୁ ଆଜି ସହରରେ ଏକ ସାଇକେଲ ଶୋଭାଯାତ୍ରା ହୋଇଥିଲା । ଏହି ଶୋଭାଯାତ୍ରା ଆଜି ସକାଳ ସାଢେ ୬ଟାରେ ସ୍ଥାନୀୟ ରଥ ପଡିଆ ଛକ ଠାରେ ମୁଖ୍ୟଅତିଥି ଭାବେ ଜୟପୁର ଏସଡିପିଓ ଅର୍ଚ୍ଚିତା ମିତ୍ତଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସେହିପରି ଜନଗଣନା ଏକ ଦାୟୀତ୍ୱ । ତେଣୁ ସମସ୍ତ ସାଧାରଣ ଜନତା ଏଥିରେ ସହଯୋଗ କରିବାକୁ ଆହ୍ୱାନ କରିଥିଲେ । ଏଥିରେ ସହରର ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ସହଯୋଗ ସହ ସାମିଲ ହୋଇଥିଲେ । ସ୍ଥାନୀୟ ସିଟି ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ, ପ୍ରକାଶ ବିଦ୍ୟାଳୟର ଏନ୍‌ସିସି ଛାତ୍ରଛାତ୍ରୀ ଏବଂ ଜୟପୁର ସାଇକେଲିଷ୍ଟ କ୍ଲବର ସଦସ୍ୟ ଏବଂ ନିଜେ ମୁଖ୍ୟ ଅତିଥି କୁମାରୀ ମିତ୍ତଲ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଜନଗଣନା ସମୟରେ ଗଣନାକାରୀଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରିବା, ଏହି ଜାତୀୟ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଲୋକଙ୍କୁ ସଚେତନ କରିବା ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେବା ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଥିଲା । ସହର ପରିକ୍ରମା ପରେ ଶେଷରେ ସ୍ଥାନୀୟ ସିଟି ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଉଦ୍‌ଯାପିତ ହୋଇଥିଲା । "ସିୱା' ସଂଗଠନର ସଭାପତି ଅଜୟ ମିଶ୍ର, ସମ୍ପାଦକ ପ୍ରତାପ ପଟ୍ଟନାୟକ, ଉପସଭାପତି ଜି.ଭି. ରେ‡ୀ, ଯୁଗ୍ମ ସମ୍ପାଦକ କେ. କ୍ରୀଷ୍ଣାରାଓ, କୋଷାଧ୍ୟକ୍ଷ ରଞ୍ଜିତ ନାୟକଙ୍କ ବ୍ୟତୀତ ରମେଶ ପଟ୍ଟନାୟକ, ପ୍ରଦୀପ୍ତ କୁମାର ସାହୁ, ମୁନ୍ନା ଚୌଧୁରୀ, ବିନାୟକ ମହାପାତ୍ର, ରମେଶ ଚୌଧୁରୀ, ସୌମ୍ୟ ରଞ୍ଜନ ଦଳାଇ, ରବୀନ୍ଦ୍ରନାଥ ସାହୁ କେ.ମୋହନ ରାଓ, ନିରଂଜନ ପାଣିଗ୍ରାହୀ, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, କେ.ଭୂଲକ୍ଷ୍ମୀ ଏବଂ ସୁଧାକର ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।




## ସେମିଳିଗୁଡ଼ାରେ ମୃଦୁ ଭୂମିକମ୍ପ



ସେମିଳିଗୁଡ଼ା,୫।୪ (ସମିସ): କୋରାପୁଟ ଜିଲ୍ଲାରେ ଶନିବାର ରାତିରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି । ରାତି ୧୧ଟା ୩୨ମିନିଟ୍‌ରେ ସେମିଳିଗୁଡା ସହ ବିଭିନ୍ନ ଗ୍ରାମୀଣ ଅଞ୍ଚଳରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି । କୋରାପୁଟ ଜିଲ୍ଲାରେ ବି ଅନୁଭୂତ ହୋଇଥିବା ଖବର ମିଳିଛି । ଦାମନଯୋଡିରେ ପ୍ରାୟ ୫ ସେକେଣ୍ଡ ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା । ଲୋକମାନେ ଭୟରେ ଛାତ ଘର ବାହାରକୁ ବାହାରି ପଡିଥିଲେ । କେଉଁ ଅଞ୍ଚଳରେ କେତେ ସମୟ ଅନୁଭୂତ ହୋଇଛି ତାହାର ସୂଚନା ମିଳିନାହିଁ ।



## ଓଡ଼ିଆ ପକ୍ଷ ପାଳନ ନେଇ ରାୟଗଡ଼ାରେ ଗଣଦୌଡ଼

ରାୟଗଡ଼,୫।୪(ସମିସ): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏପ୍ରିଲ ୧ ତାରିଖରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ସମୟକୁ "ଓଡିଆ ପକ୍ଷ ୨୦୨୬" ଭାବେ ପାଳନ କରାଯାଉଛି । ରବିବାର ଦିନ ସକାଳେ ଏ ନେଇ ଐତିହ୍ୟ ଗଣଦୌଡ କାର୍ଯ୍ୟକ୍ରମ ରାୟଗଡ଼ା ସହରର ସ୍ଥାନୀୟ କାଳୀମନ୍ଦିର ଛକରୁ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ କ୍ରୀଡା ଓ ଯୁବ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ଦ୍ୱାରା ସକାଳ ସାଢେ ୭ଟା ସମୟରେ ରାୟଗଡ଼ ସହରରେ ସ୍ଥିତ କାଳୀ ମନ୍ଦିର ଛକଠାରୁ ସଦ୍‌ଭାବନା ସ୍ପୋର୍ଟସ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ଏକ ଗଣଦୌଡ଼ର ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଯୋଗଦାନ କରି ପତାକା ଦେଖାଇ ଶୁଭରମ୍ଭ କରିଥିଲେ କ୍ଷ ଏହି ଗଣ ଦୌଡ଼ରେ ଅଂଶଗ୍ରହଣକାରୀ ପ୍ରଥମେ ପଞ୍ଜିକରଣ କରିବା ପରେ ଐତିହ ଗଣ ଦୌଡ ଆରମ୍ଭ ହୋଇଥିଲା । ଜିଲ୍ଲା କ୍ରୀଡ଼ା ଅଧିକାରୀ ଶେଖ ଅଲେନୁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଗଣ ଦୌଡରେ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିଜୟ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ , ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ । ଏହି ଗଣଦୌଡ କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବ କାଳୀ ମନ୍ଦିର ଛକ ଠାରୁ ଆରମ୍ଭ ହୋଇ ସଦଭାବନା ସ୍ପୋର୍ଟସ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ବେଳେ ରାୟଗଡ଼ା ଆରଟିଓ ଅଫିସ, ରିଙ୍ଗ ରୋଡ଼, ଲାୟନ୍ସ କ୍ଲବ ଛକ ଦେଇ ପରିଶେଷରେ ପୁଣି ରାୟଗଡ଼ାର ସଦ୍‌ଭାବନା ସ୍ପୋର୍ଟସ କମ୍ପ୍ଲେକ୍ସରେ ଶେଷ ହୋଇଥିଲା । ଓଡ଼ିଆ ଦିବସ ଉପଲକ୍ଷେ ଉଦ୍ଦିଷ୍ଟ ଏହି ଗଣ ଦୌଡ଼ ଉଦେଶ୍ୟ ବିଷୟରେ ଅତିଥି ମାନେ ବୁଝାଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲାକସମ୍ପର୍କ କାର୍ଯ୍ୟାଳୟର ଡମ୍ବରୁଧର ପଣ୍ଡା, ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସୁଭାଷ ଚନ୍ଦ୍ର ସାହ, ରଂଜିତ ମେଲେକା ଓଡ଼ିଆ ଅନ୍ୟାନ୍ୟ କର୍ମକର୍ତ୍ତା, ଜିସିଡ଼ି ୱାକର୍ସର ସୁଭାଷ ଚନ୍ଦ୍ର ବାରିକ, ସିଏଚ ବିଜୟ ମୋହନ, ଏମ.ରାଜା, ଅଜିତ କୁମାର ସୁବୁଦ୍ଧି, କେ ସୁରେଶ, ଡି ପି. ବାବୁ, ଗୋପୀ, ଯାମି ରାଜା, ଜିତେନ୍ଦ୍ର ରଥ, ଅମର ପ୍ରଧାନ, ଦିପୁ ବାବୁ, ଝଞ୍ଜାବତୀ ୱାକର୍ସ କ୍ଲବର ରୀତାରାଣୀ ମିଶ୍ର, ସୁଜାତା ମାଦଳା ଏବଂ ରଶ୍ମିତା ପଣ୍ଡା, ସହରର ବୁଦ୍ଧିଜୀବୀ, ଜନସାଧାରଣ, ମହିଳା ମହାବିଦ୍ୟାଳୟ ଓ ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ଯୋଗଦାନ କରିଥିଲେ ।





## କୋରାପୁଟରେ ମୃଦୁ ଭୂମିକମ୍ପ

କୋରାପୁଟ, ୫।୪(ସମିସ): ଶନିବାର ବିଳମ୍ବିତ ରାତିରେ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି । ଶନିବାର ରାତି ୧୧-୩୩ ରୁ ୩୪ ମଧ୍ୟରେ ପ୍ରାୟ ୧୦-୧୨ ସେକେଣ୍ଡ ପାଇଁ ଭୂମିକମ୍ପ ହୋଇଥିବା ଜଣାପଡ଼ିଛି । ଟିଣ ଘର ସବୁ ଶବ୍ଦ ହୋଇଥିବା ବେଳେ ଛାତ ଘର ସାମାନ୍ୟ ଦୋହଲି ଥିବାରୁ ଏହା ଭୂମିକମ୍ପ ବୋଲି ଜଣାପଡ଼ିଛି । ଅନେକ ଲୋକ ଶୋଇବାକୁ ଯାଉଥିବା ବେଳେ ଟିଣ ଓ ଛାତ ହଲିବା କାରଣରୁ ଲୋକେ ଭୟଭୀତ ହୋଇ ବାହାରକୁ ଚାଲି ଆସିଥିଲେ । ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇ ନଥିବା ଜଣାପଡ଼ିଛି । ଜିଲ୍ଲାର ସେମିଳିଗୁଡା, ସୁନାବେଡ଼ା, ଡୁମୁରିପୁଟ, କୋରାପୁଟ ସମେତ ଅନେକ ସ୍ଥାନରେ ଭୂମିକମ୍ପ ଅନୁଭୂତ ହୋଇଛି ।

# ୭୦ ଲକ୍ଷ ଟଙ୍କାର ପିଚୁ ରାସ୍ତା ବର୍ଷେ ଗଲାନି



● କ୍ଷୁଦ୍ର ଜଳସେଚନ ଅଧିକାରୀ-ଠିକାଦାରର ମଧୁଚନ୍ଦ୍ରିକା
● କେନାଲ ହିଡ଼ ନିର୍ମାଣରେ ହରିଲୁଟ୍

ବିଷମକଟକ, ୫।୪(ସମିସ): କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରଯାଇ କେନାଲ ହିଡ଼ରେ ପକ୍କା ରାସ୍ତା ନିର୍ମାଣ କରାଯାଉଛି । କେନାଲ ହିଡ଼ରେ ଚାଷୀଙ୍କ ଯାତାୟତ ସୁବିଧା ସାଙ୍ଗକୁ କେନାଲ ସଫା ସୁତୁରା ରଖିବା ଲକ୍ଷ୍ୟରେ ପିଚୁ ରାସ୍ତା ନିର୍ମାଣ କରାଯାଉଛି । ହେଲେ କ୍ଷୁଦ୍ର ଜଳ ସେଚନ ବିଭାଗ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା କାରଣରୁ ଏହି ସବୁ ଯୋଜନା ଫେଲ ମାରୁଛି । ଏହାର ଏକ ଉଦାହରଣ ହେଲା ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍ କ୍ଷୁଦ୍ର ଜଳସେଚନ ବିଭାଗ । କେନାଲ ହିଡମାନଙ୍କରେ ପିଚୁ ରାସ୍ତା ନିର୍ମାଣ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଉଥିବା ଦେଖିବାକୁ ମିଳିଛି । କେନାଲ ହିଡ଼ରେ ବିଭାଗ ତରଫରୁ ପିଚୁ ରାସ୍ତା ନିର୍ମାଣ ଅତି ନିମ୍ନମାନର ହୋଇଥିବାରୁ ନିର୍ମାଣର କିଛି ଦିନ ମଧ୍ୟରେ ପିଚୁ ରାସ୍ତା ଦବି ଯିବା ସହ ରାସ୍ତାରୁ ପିଚୁ ଉଠିଯାଇଛି । ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ପାଇକଡାକୁଲୁଗୁଡା ଗାଁ ଦେଇ ଯାଇଥିବା କ୍ଷୁଦ୍ର ଜଳ ସେଚନ ବିଭାଗର କେନାଲ ହିଡ ଉପରେ ୨ କିଲୋମିଟର ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ ପାଇଁ ବିଭାଗ ୭୦ଲକ୍ଷ ଟଙ୍କା ବ୍ୟୟରେ ପିଚୁ ରାସ୍ତା ନିର୍ମାଣ କରିଛି । ହେଲେ ଏହି ୭୦ଲକ୍ଷ ଟଙ୍କାର ରାସ୍ତା ବେଶୀ ଦିନ ଗଲାନାହିଁ । ବହୁ ସ୍ଥାନରେ ରାସ୍ତା ଦବି ଗଲା । ଅଧିକାଂଶ ସ୍ଥାନରେ ରାସ୍ତାରୁ ପିଚୁ ଉଠି ମେଟାଲ ବାହାରିଗଲା । ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ରାସ୍ତାଟି ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ରାସ୍ତାର ମରାମତି ହୋଇପାରିଲା ନାହିଁ । ନିମ୍ନମାନରେ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ଠିକାଦାର ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏଭଳି କ୍ଷେତ୍ରରେ କ୍ଷୁଦ୍ର ଜଳସେଚନ ବିଭାଗର କାର୍ଯ୍ୟଶୈଳୀ ଉପରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି । ରାସ୍ତା ନିର୍ମାଣ ଦାୟୀତ୍ୱରେ ରହିଥିବା କନିଷ୍ଠ ଯନ୍ତ୍ରୀ ଚିନ୍ମୟୀ ମଲ୍ଲିକଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ କେନାଲ ହିଡ଼ ଉପରେ କେନାଲରୁ ବାହାରିଥିବା ନରମ ମାଟି ପକାଯାଇଥିଲା । ନରମ ମାଟି ଉପରେ ମେଟାଲ ବିଛାଇ ପିଚୁ କାମ କରାଯାଇଥିଲା । ରାସ୍ତା ନିର୍ମାଣର ଅଳ୍ପ ଦିନ ମଧ୍ୟରେ ଏ ରାସ୍ତା ଦେଇ ଗାଡି ଚଳାଚଳ କରିବାରୁ ରାସ୍ତାଟି ଦବିଯିବା ସହ ପିଚୁ ଗୁଡ଼ିକ ରାସ୍ତାରୁ ଉଠିଯାଇଥିବା ପ୍ରକାଶ କରିଛନ୍ତି । ୭୦ ଲକ୍ଷ ଟଙ୍କା ବ୍ୟୟରେ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଉଥିବା ରାସ୍ତାଟି ବର୍ଷେ ନ ପୁରୁଣୁ ଭାଙ୍ଗିଯାଇଛି । ଏହି ରାସ୍ତାର ରକ୍ଷଣାବେକ୍ଷଣ ନିମନ୍ତେ ଟେଣ୍ଡରରେ କୌଣସି ବ୍ୟବସ୍ଥା ନଥିବା ଯନ୍ତ୍ରୀ ସୂଚନା ଦେଇଛନ୍ତି । ବିଭିନ୍ନ ବିଭାଗ ତରଫରୁ ପିଚୁ ରାସ୍ତା ନିର୍ମାଣ ହେଉଥିବା ବେଳେ ରାସ୍ତାର ନିର୍ମାଣ ହେବା ପରେ ୫ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ନିୟମ ରହିଛି । ହେଲେ କ୍ଷୁଦ୍ର ଜଳସେଚନ ବିଭାଗରେ ଏହି ନିୟମ କିପରି ଲାଗୁ ହେଉନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ଅତି ନିମ୍ନମାନର ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏହାର ଟେର କେମିତି ପାଇଲା ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ତେଣୁ ଏହି ନିର୍ମାଣ ରସ୍ତାର ଉଚିତ ତଦନ୍ତ କରିବା ସହ ଭିଜିଲାନସ୍ ତଦନ୍ତ କରିବାକୁ ମଧ୍ୟ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି ।

## ବେଆଇନ ବାଣ ଗୋଦାମରେ ପୁଲିସ ଚଢ଼ଉ



ଉମରକୋଟ, ୫।୪(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ବେଆଇନ ବାଣ ଗୋଦାମ ଉପରେ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରିବା ସହ ଦୁଇ ଜଣଙ୍କୁ ଅଟକ ରଖି ପୁଲିସ ତଦନ୍ତ କରୁଛି । ଆଜି ସନ୍ଧ୍ୟାରେ ଉମରକୋଟ ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଉମରକୋଟ ପୌରପରିଷଦର ଡ଼ଙ୍ଗରୀଗୁଡା ସ୍ଥିତ ବିଜନ ମଲ୍ଲିକ ଓ ଡିଏନ୍‌କେ ମୁଖ୍ୟ ରାସ୍ତାର ପ୍ରତାପ ସାହାଙ୍କ ଘର ଉପରେ ଅଚାନକ ଚଢ଼ଉ କରିଥିଲେ । ଚଢ଼ଉ ସମୟରେ ଲକ୍ଷାଧିକ ଟଙ୍କାର ବାଣ ମିଳିଥିଲା । ବେଆଇନ ଭାବେ ଏହା ଗଚ୍ଛିତ ରଖା ଯାଇଥିଲା । ଦୁଇଟି ଗୋଦାମରୁ ଦୁଇଟି ପିକ୍‌ଅପ୍‌ରେ ବାଣ ବାହାରି ଥିଲା । ପୁଲିସ ବିଜେନ ମଲ୍ଲିକ ଓ ପ୍ରତାପ ସାହାଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଛି ।

# ରାମନାଗୁଡ଼ା ତହସିଲର ଜନଗଣନା ତାଲିମ ଉଦ୍‌ଯାପିତ



ରାମନାଗୁଡ଼ା,୫।୪(ସମିସ): ମାର୍ଚ୍ଚ ମାସ ୧୯ ତାରିଖରୁ ଆରମ୍ଭ ହୋଇଥିବା ଜନଗଣନା ତାଲିମର ରବିବାର ଦିନ ଥିଲା ଅନ୍ତିମ ଦିବସ। ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ପିଏମଶ୍ରୀ ହାଇସ୍କୁଲରେ ଅନୁଷ୍ଠିତ ୪ ପର୍ଯ୍ୟାୟ ବ୍ୟାପି ଜନ ଗଣନା ତାଲିମ କାର୍ଯ୍ୟକ୍ରମର ଉଦ୍‌ଯାପନୀ ହୋଇଯାଇଛି। ଏହି କାୟ୍ୟକ୍ରମ ୪ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇ ସର୍ବମୋଟ ୧୬୦ ଜଣ ଜନଗଣନା ଅଧିକାରୀ ଓ ୨୨ ଜଣ ଜନଗଣନା ନିରୀକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି ତାଲିମ ଶିବିରକୁ ରାମନାଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ ମୁଖ୍ୟ ଅଥିତି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅଥିତି ଭାବେ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଦୀପା ରାଣୀ ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୃଜନ ମଲ୍ଲିକ, ପ୍ରଧାନ ଶିକ୍ଷକ ଶଶାଙ୍କ ପ୍ରସାଦ ଦାଶ, ରାଜସ୍ୱ ପର୍ଯ୍ୟବେକ୍ଷକ ଶିବାନନ୍ଦ ଦାସ ପ୍ରମୁଖ ଯୋଗଦେଇ ସୂଚାରୁ ରୂପେ ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧୬ ତାରିଖ ଠାରୁ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଡିଜିଟାଲ ଘର ଗଣନା କାର୍ଯ୍ୟକ୍ରମରେ ନିର୍ଭୁଲ ତଥ୍ୟ ଗ୍ରହଣ କରି ସମ୍ପାଦନା କରିବା ସହ ୩୩ ସୂତ୍ରୀ ପ୍ରଶ୍ନ ସମ୍ବନ୍ଧୀୟ ତାଲିମ ପ୍ରଦାନ କରିଥିଲେ । ଏହି ତାଲିମ ଶିବିରରେ କ୍ଷେତ୍ର ତାଲିମ ଅଧିକାରୀ ଭାବେ ରମେଶ ମିଶ୍ର ଓ ଭୈରବ ରଥ ଚାରି ପର୍ଯ୍ୟାୟରେ ସମସ୍ତ ଜନ ଗଣନା ଅଧିକାରୀ ଓ ନିରୀକ୍ଷକଙ୍କୁ ପ୍ରତ୍ୟେକ ପର୍ଯ୍ୟାୟରେ ତିନିଦିନ ବ୍ୟାପି ତାଲିମ ପ୍ରଦାନ କରି ଜନଗଣନା ଏକ ଜାତୀୟ କାର୍ଯ୍ୟକ୍ରମ ହୋଇଥିବାରୁ ଉତ୍ତରଦାୟୀ ଭାବେ ସମ୍ପାଦନା କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ତାମିଲରେ ଭାଗ ନେଇଥିବା ଅଧିକାରୀ ମାନଙ୍କୁ ସର୍ଭେର ତଥ୍ୟକୁ ଗୁପ୍ତ ରଖିବାକୁ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ଶପଥ କରାଇଥିଲେ। ସେ ସମସ୍ତ ଜନସାଧାରଣଙ୍କୁ ଏହି ଜାତୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱୟଂଗଣନା ପ୍ରକ୍ରିୟାରେ ଭାଗ ନେବା। ସହ ଜନ ଗଣନା ଅଧିକାରୀଙ୍କୁ ତଥ୍ୟ ପ୍ରଦାନରେ ସହଯୋଗ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ ସମାପ୍ତ ଚାରି ପର୍ଯ୍ୟାୟ ତାଲିମ ରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ସୃଜନ ମଲିକ ସମସ୍ତ ତାଲିମ ଧାରୀଙ୍କୁ ଶପଥ ପାଠ କରାଇଥିଲେ। ଏହି ଚାରି ପର୍ଯ୍ୟାୟ ବ୍ୟାପି ତାଲିମ ଶିବିରକୁ ପ୍ରଧାନଶିକ୍ଷକ ଗୌରୀ ଶଙ୍କର ପଣ୍ଡା, ଅଶ୍ୱିନୀ ତ୍ରିପାଠୀ, କେଦାର ସାହୁ ଓ କିଷାନ କୁମାର ପଣ୍ଡୁ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଦୁଇ ଆନ୍ଦୋଳନକାରୀଙ୍କୁ ପୁଲିସ କୋର୍ଟ ଚାଲାଣର ପ୍ରତିବାଦ

କଲ୍ୟାଣସିଂହପୁର,୫।୪(ସମିସ):



ଆନ୍ଦୋଳନକାରୀଙ୍କୁ କଳାହାଣ୍ଡି ପୁଲିସ ଗିରଫ କରି କୋର୍ଟ ଚାଲାଣ ପ୍ରତିବାଦରେ ଆଜି ନିୟମଗିରି ଡ଼ଙ୍ଗରିଆ ମାନେ ପାର୍ଷାଲି ଠାରେ ସାମ୍ବାଦିକ ସମ୍ମିଳନୀ କରିଥିଲେ। ନିୟମଗିରି ପାହାଡର ସୁରକ୍ଷା ସମିତିର ଆବାହକ ଲଦ ଶିକକାଙ୍କ ନେତୃତ୍ୱରେ ୩୫ଖଣ୍ଡ ଗ୍ରାମର କିଛି ମୁଖିଆ ମାନେ ପାର୍ଷାଲି ପଞ୍ଚାୟତ ନିକଟ ଆମ୍ବ ଗଛଠାରେ ଉପସ୍ଥିତ ହୋଇଥିଲେ। ମାର୍ଚ୍ଚ ମାସ ୨୫ ତାରିଖ ଦିନ ଆମ ନେତା ଲିଙ୍ଗରାଜ ଆଜାଦ ଓ ସୁରେଶ ସଂଗ୍ରାମଙ୍କୁ କଳାହାଣ୍ଡି ପୁଲିସ ଡକାଇ ଗିରଫ କରିବା ସହ ଅଦାଲତକୁ ପଠାଇ ଦେଇଛନ୍ତି। ସେମାନେ କଣ ଭୁଲ କରିଛନ୍ତି। ଏହା କରିବା ପୂର୍ବରୁ ନିୟମଗିରି ଡ଼ଙ୍ଗରିଆଙ୍କ ନିଷ୍ପତ୍ତି ନେବା କଥା। ଏହି ସରକାର ଆସିବା ଦିନ ଠାରୁ ଯିଏ କମ୍ପାନୀ ବିରୋଧୀ, ଦେଶ ମାଟି ପାଇ କାମ କରି ଆସୁଛନ୍ତି ସେମାନଙ୍କୁ ବିଭିନ୍ନ ପ୍ରକାର ବାହାନା କରି ଗିରଫ କରୁଛି। ଯେଉଁ ମାନେ ଦିନ ଦ୍ୱିପ୍ରହରରେ ଚୋରି, ଡକାୟତି, ହତ୍ୟା କରୁଛନ୍ତି ସେମାନଙ୍କୁ ଖୋଲାରେ ଛାଡି ଦେଉଛି। ସେମାନେ ଖୁସିରେ ଘୁରିବୁଲୁଛନ୍ତି। ଲିଙ୍ଗରାଜ ଆଜାଦ ନିୟମଗିରି ଅଞ୍ଚଳର, ବାସଙ୍ଗମାଳି, କୁତ୍ରୁମାଳିରେ କମ୍ପାନୀକୁ ବିରୋଧ କରି ନମିୟମଗିରି ପାହାଡ଼କୁ ସୁରକ୍ଷା କରିଛନ୍ତି। ସେଥିରୁ ମାଟି, ପାଣି ପବନ ପାଇ ଲୋକେ ବଞ୍ଚୁଛନ୍ତି। ଭାରତ ଓ ଓଡିଶା ପାଇ ସଂଗ୍ରାମ ଚାଲିଛି। ସଂଗଠନକୁ ଧରି ସମ୍ବିଧାନ ପାଇ ଲଢ଼ୁଛନ୍ତି. ଲୋକେ ବି ଲଢେଇ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନିଜେ ଆଦିବାସୀ ହୋଇ ବି ପୁଲିସ ଲଗାଇ ନିରୀହ ଆଦିବାସୀ ଓ ଡଙ୍ଗରିଆଙ୍କୁ ଗିରଫ କରୁଛନ୍ତି। ଏହି ଦୁଇ ଜଣଙ୍କୁ ବିନା

## ନିୟମଗିରି ଡଙ୍ଗରିଆଙ୍କ ସାମ୍ବାଦିକ ସମ୍ମିଳନୀ

ସର୍ତ୍ତରେ ତୁରନ୍ତ ଖଲାସ କରା ନ ଗଲେ ଆଗାମୀ ଦିନରେ ପ୍ରତି ପଞ୍ଚାୟତ ଗାଁ ଗାଁରେ ବୈଠକ କରି ଏକ ମେଳି କରିବା ପରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ବେଦାନ୍ତ କମ୍ପାନୀ ଓ ଥାନା ସମ୍ମୁଖରେ ଧାରଣା ଓ ଶୋଭାଯାତ୍ରା ଦେବୁ ବୋଲି ନିୟମଗିରି ସୁରକ୍ଷା ସମିତିର ଆବାହକ ଲଦ ଶିକକା କହିଛନ୍ତି। ଏହାର ପ୍ରତିବାଦରେ ଏପ୍ରିଲ ୮ ତାରିଖରେ ଭବାନୀପାଟଣା ଠାରେ ଏକ ଶୋଭାଯାତ୍ରା କରାଯିବ। ସେଠାରେ ଲୋକଙ୍କୁ କିପରି ଗୁଳିକାରି ମାରିବେ, କେତେ ଜଣଙ୍କୁ ଗିରଫ କରିବେ ଆମେ ବି ଦେଖିବୁ ବୋଲି ନିୟମଗିରି ଆବାହକ ଲଦ ଶିକ୍କା କହିଛନ୍ତି। ଏଥିରେ ଦଦୀ ଶିକକା, ଡ୍ରିକା କାଡ୍ରାକା ଓ ମାନୁ ଶିକକା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଇଷ୍ଟର ଅବସରରେ ପୁନଃଉଥାନ ଶୋଭାଯାତ୍ରା





ସେମଲିଗୁଡ଼ା,୫।୪ (ସମିସ) ପବିତ୍ର ଇଷ୍ଟର ସଣ୍ଡେ ଅବସରରେ ସେମଲିଗୁଡ଼ା ଅଞ୍ଚଳରେ ଏକ ଭବ୍ୟ ଓ ଆଧ୍ୟାତ୍ମିକ ପରିବେଶରେ ପୁନରୁଥାନ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପୁନରୁଥାନର ଆନନ୍ଦ ଓ ବିଜୟର ସନ୍ଦେଶକୁ ସ୍ମରଣ କରି ସେମିଲିଗୁଡ଼ା ଅଞ୍ଚଳର ଶତାଧିକ ଖ୍ରୀଷ୍ଟିଆନ ଭାଇ ଭଉଣୀମାନେ ଏହି ଶୋଭାଯାତ୍ରାରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରା ମାନ୍ନା ଫୁଲ୍ ଗୋସ୍ପେଲ ଚର୍ଚ୍ଚରୁ ଆରମ୍ଭ ହୋଇ ସେମଲିଗୁଡ଼ାର ଦାମନଯୋଡ଼ି ଛକ ଲାଇଟ୍ ହାଉସ ପର୍ଯ୍ୟନ୍ତ ପରିଚାଳିତ ହୋଇଥିଲା। ଯାତ୍ରା ସମୟରେ ଭକ୍ତମାନେ 'ହେ ମୃତ୍ୟୁ, କାହିଁ ତୋର ଜୟ? କାହିଁ ତୋର ଡର?" ଭଳି ସ୍ଲୋଗାନ ଦେଇ ଥିଲେ। ପ୍ରଭୁ ଯୀଶୁ ମୃତ୍ୟୁକୁ ବିଜୟ କରିଛନ୍ତି ଏବଂ ସେହି ବିଜୟ ଆମ ସମସ୍ତଙ୍କ ପାଇଁ ଆଶାର ସନ୍ଦେଶ ବୋଲି କହିଥିଲେ। ଏହି ଆୟୋଜନ ସେମଲିଗୁଡ଼ା ଖ୍ରୀଷ୍ଟିୟ ସମାଜ ଓ ୟୁନାଇଟେଡ଼ ପାଷ୍ଟରସ୍ ଫେଲୋସିପ୍ ଆନୁକୂଲ୍ୟରେ ସଫଳତାର ସହ ସମ୍ପନ୍ନ ହୋଇଥିଲା। ସଭାପତି ଶ୍ରୀ ଦାନିଏଲ ଖରା ଓ ସମ୍ପାଦକ ରେଭରେଣ୍ଡ ସୁନିଲ କ୍ଷତ୍ରିୟଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରେଭ ଉଜ୍ୱଳ ସତମନ୍ ରେଭରେଣ୍ଡ ଏ.କେ. ଡେଭିଡ଼ ରାଜ, ରେଭରେଣ୍ଡ ଆରି ଗିଡିଏଅନ୍ସ, ବି କରୁଣାକର ରେଭରେଣ୍ଡ ଏନ୍. ସମ୍ପଦ ଖରା ,ରମେଶ ଖସଲା , ରାଜୁ ଖିଲ ,ମୋଜଜସ ରାଜକୁମାର ଓ ଅନ୍ୟାନ୍ୟ ପାଷ୍ଟର ଓ ଭକ୍ତମାନେ ଏଥିରେ ଯୋଗ ଦେଇଥିଲେ। ସକାଳୁ ପ୍ରଭାତ ଫେରୀ ମାଧ୍ୟମରେ ସମସ୍ତେ ପରସ୍ପରକୁ ପୁନରୁଥାନର ଶୁଭେଚ୍ଛା ଜଣାଇଥିଲେ ଏବଂ ପ୍ରଭୁଙ୍କ ନିକଟରେ ଏହି ପ୍ରାର୍ଥନା କରିଥିଲେ ଯେ ଦେଶରେ ଶାନ୍ତି, ଏକତା ଓ ଉନ୍ନତି ବଢୁ। ବିଶ୍ୱରେ ଚାଲୁଥିବା ଯୁଦ୍ଧ ବନ୍ଦ ହେଉ ଓ ଲୋକମାନଙ୍କ ମଧ୍ୟରେ ପ୍ରେମ ଓ ଭାଇଚାରା ସ୍ଥାପିତ ହେଉ। ଏହି ଆଶା ସହ ଭକ୍ତମାନେ ଏକମତ ହୋଇ ପ୍ରାର୍ଥନା କରିଥଲେ। ସମ୍ପାଦକ ସୁନିଲ କ୍ଷତ୍ରିୟ ଧନ୍ୟବାଦ ଅର୍ପଣ କରିଥିଲେ। ବିଶପ ସିନ୍ଧୁ ପାଣି ଓ ସଭାପତି ଦାନିଏଲ ଖରା ପ୍ରାର୍ଥନା ଓ ଶେଷ ଆଶୀର୍ବାଦ କରିଥିଲେ।

# ଓଡ଼ିଆ ପକ୍ଷରେ ଗଣଦୌଡ଼





କୋରାପୁଟ,୫।୪(ସମିସ) : ଓଡିଆ ପକ୍ଷ ପାଳନ ଅବସରରେ କୋରାପୁଟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଗଣଦୌଡ଼ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ।ଏ ଥିରେ ବରିଷ୍ଠ, ଭିନ୍ନକ୍ଷମ, ପୁରୁଷ ଓ ମହିଳା ମାନେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବରିଷ୍ଠ ବିଭାଗରେ ତ୍ରିନାଥ ଗୁରୁ ,ବଳରାମ ପ୍ରଧାନ ଓ ସରୋଜ କୁମାର ରଥ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଭିନ୍ନକ୍ଷମ ବିଭାଗରେ ରଞ୍ଜିତ ଭତ୍ରା(ପ୍ରଥମ),ଏ ମୁଦୁଲି(ଦ୍ୱିତୀୟ) ଓ ପଦଲାମ ଚାପାଡି (ତୃତୀୟ),ପୁରୁଷ ବିଭାଗରେ ଜିପୁ କଦମସେଠ (ପ୍ରଥମ), ଶୁଭମ ସୁବୁଦ୍ଧି(ଦ୍ୱିତୀୟ) ଓ ଅବଳା ସୁକ ମାଝୀ(ତୃତୀୟ) ଏବଂ ମହିଳା ବିଭାଗରେ ଅପରାଜିତା ଖିଲୋ (ପ୍ରଥମ), ବୈଶାଳୀ ବିଶୋଇ(ଦ୍ୱିତୀୟ) ଓ ଯମୁନା ବାହାଦୁର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋଡର୍ ଅଧକ୍ଷ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ ଓ ଡେପୁଟି କଲେକ୍ଟର ସୌରଞ୍ଜିତା ମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଯୋଗଦେଇ ପରିଚାଳନା କରିଥିଲେ।

# ଜିଲ୍ଲାପାଳଙ୍କୁ ଭେଟିଲେ ଜିଲ୍ଲା ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତା



ଜୟପୁର,୫।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ସାକ୍ଷାତ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କୁ ସାକ୍ଷାତ ବେଳେ ନବନିର୍ମିତ ତଥା ଉଦ୍‌ଘାଟିତ ହୋଇଥିବା ଜିଲ୍ଲା ଆଇନଜୀବୀ ସଂଘର ଭବନରେ ଆବଶ୍ୟକ ଉପକରଣ ସଂଲଗ୍ନ ପାଇଁ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲା ଓକିଲ ସଂଘର ସଭାପତି ବିଜୟ କୁମାର ରାୟ ଜେନାଦେଓ ସମ୍ପାଦକ ସହଦେବ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭୋଳାନାଥ ପଟ୍ଟନାୟକ, କୋଷାଧକ୍ଷ ଭି.ରାମାନୁଜ ପ୍ରସାଦ, ବରିଷ୍ଠ ଆଇନଜୀବୀ ତଥା ଶଶାନନ୍ଦ ମିଶ୍ର ପୂର୍ବତନ ସଭାପତି ତ୍ରିନାଥ ସିଂଲାଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଗତ ଦେଢ ମାସ ପୂର୍ବରୁ ଏହି ନୂତନ ଭବନର ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲେ ସୁଦ୍ଧା ଆବଶ୍ୟକ ଆସବପତ୍ର ଓ ଉପକରଣ ଗୁଡିକ ପ୍ରଦାନ ତଥା ସଂଲଗ୍ନ ହୋଇନଥିବା ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ । ଫଳରେ ଉଭୟ ଓକିଲ ଓ ମହକିଲ ପାଇଁ ନିର୍ମିତ ଭବନ ବ୍ୟବହାର ଆସିପାରୁ ନାହିଁ। ଏହି ନୂତନ ଭବନରେ ପୋଷ୍ଟ ଅଫିସ, ଏଟିଏମ, କ୍ୟାଣ୍ଟିନ ଏବଂ ବିଶ୍ରାମ କକ୍ଷ ରହିବ ବୋଲି ଘୋଷଣା କରାଯାଇଥିଲା।

# ସତୀଗୁଡ଼ା ଅଞ୍ଚଳରେ ଜଳ ସମସ୍ୟା ସମାଧାନ

ମାଲକାନଗିରି,୫।୪(ସମିସ): ମାଲକାନଗିରି ଜିଲ୍ଲାର ସତୀଗୁଡା ଅଞ୍ଚଳରେ ଜନସାଧାରଣଙ୍କ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନର ସମ୍ବେଦନଶୀଳତା ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛି। ସତୀଗୁଡ଼ା ଅଞ୍ଚଳରେ ଦେଖାଦେଇଥିବା ପାନୀୟ ଜଳ ସମସ୍ୟାକୁ ଗୁରୁତ୍ୱର ସହ ଗ୍ରହଣ କରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ତୁରନ୍ତ ଏହାର ସମାଧାନ ପାଇଁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଏହି ମାନବୀୟ ଓ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ପାଇଁ ସ୍ଥାନୀୟ ଅଞ୍ଚଳରେ ଏବେ ଖୁସିର ବାତାବରଣ ଦେଖିବାକୁ ମିଳିଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରାଯାଇଥିଲା।



ଗ୍ରାମବାସୀଙ୍କ ଜଳକଷ୍ଟ ଦୂର କରିବା ପାଇଁ ୧୦ଟି ଷ୍ଟାଣ୍ଡ ପୋଷ୍ଟ ସ୍ଥାପନ କରାଯାଇଛି। ଅଧୀକ୍ଷଣ ଯନ୍ତ୍ରୀ ଜନକ ବଳବନ୍ତ ରାୟଙ୍କ ସୂଚନା ଅନୁଯାୟୀ, ଆଜି ପାଞ୍ଚଟି ଷ୍ଟାଣ୍ଡ ପୋଷ୍ଟରେ ସଫଳତାର ସହ ପାଣି ଛଡ଼ାଯାଇଛି। ଆସନ୍ତାକାଲି ସୁଦ୍ଧା ସମସ୍ତ ୧୦ଟି ପୋଷ୍ଟରେ ପାଣି ପହଞ୍ଚିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଥିରେ ପିଏଚଡି କନିଷ୍ଠ ଯନ୍ତ୍ରୀ ରାମ ପ୍ରଧାନ ଓ ଏଇଇ ରୋମାନ୍ କିଷାନ୍ ଉପସ୍ଥିତ ରହି ଲୋକଙ୍କ ସୁବିଧା ପାଇଁ କାର୍ଯ୍ୟ କରିଥିଲେ। ପ୍ରଶାସନର ଏଭଳି ଦ୍ରୁତ ଓ ସକାରାତ୍ମକ କାର୍ଯ୍ୟଶୈଳୀ ପାଇଁ ସତୀଗୁଡ଼ାବାସୀ ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗର ସମସ୍ତ ଅଧିକାରୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି।

# ବଂଶଧାରା ଚିତ୍ରକଳା ବିଦ୍ୟାଳୟର ଚିତ୍ରାଙ୍କନ କାର୍ଯ୍ୟକ୍ରମ

ଗୁଡାରି,୫।୪(ସମିସ); ଗୁଡାରି ସରସ୍ୱତି ଶିଶୁ ବିଦ୍ୟା ମନ୍ଦିର ଠାରେ ପରିଷଦର ପିଲାଙ୍କ ଲୁକ୍କାୟତ ପ୍ରତିଭାର ପରିପ୍ରକାଶ କରିବାପାଇଁ ବଂଶଧାରା ଚିତ୍ରକଳା ବିଦ୍ୟାଳୟ ତରଫରୁ ଏକ ଚିତ୍ରାଙ୍କନ କାର୍ଯ୍ୟକ୍ରମ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ୧୫ ଅଗଷ୍ଟ ୨୦୧୮ ଅନୁଷ୍ଠାନିକ ଭାବରେ ନୀୟତୀ ଜେନା ଶୁଭ ଆରମ୍ଭ କରିଥିଲେ। ପ୍ରାୟ ୪ ବର୍ଷ ହେଲାଣି ଏହି ବିଦ୍ୟାଳୟ ଅନେକ ଛାତ୍ରଛାତ୍ରୀ ଚିତ୍ର କଳା ଶିକ୍ଷଣ କରୁଛନ୍ତି। ଏଥିରେ ବିଭିନ୍ନ ପ୍ରକାରର ମାଧ୍ୟମ, ପ୍ରକ୍ରିୟା, ହସ୍ତଶିଳ୍ପି ଶିକ୍ଷା ମଧ୍ୟ ଦିଆଯାଇଥାଏ। ଆଜିର ଏହି କାର୍ଯ୍ୟକ୍ରମରେ ଜୁନିୟର୍ ଡିପ୍ଲୋମା ଏବଂ ସିନିୟର ଡିପ୍ଲମା ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏଥିରେ ମୋଟ



୪୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ନୀୟତି ଜେନା ପରିଚାଳନା କରିଥିବାବେଳେ ଅଭିଭାବକ ମାନେ ସହଯୋଗ କରିଥିଲେ। ନୂତନ ଶିକ୍ଷାବର୍ଷରେ ରାଜ୍ୟ ସରକାର ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ତୃତୀୟ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ସହିତ ଚିତ୍ରାଙ୍କନକୁ ଯୋଡିଛନ୍ତି। ଏଣୁ ଆଗାମୀ ଦିନରେ ବଂଶଧାରା ଚିତ୍ରକଳା ବିଦ୍ୟାଳୟରେ ଯୋଗ ଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ଏହା ସହାୟକ ହେବ ବୋଲି ଗୁଡାରୀ ବ୍ଲକର ଚିତ୍ରାଙ୍କନ ଶିକ୍ଷୟତ୍ରୀ ନିୟତି ଜେନା କହିଛନ୍ତି।

# ମାଲକାନଗିରିରେ ଐତିହ୍ୟ ଗଣ ଦୌଡ଼

ମାଲକାନଗିରି,୫।୪(ସମିସ):



ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନର ପଞ୍ଚମ ଦିବସରେ ସ୍ଥାନୀୟ ଡିଏନକେ ଖେଳ ପଡ଼ିଆ ଠାରୁ ସ୍ପୋର୍ଟସ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ଏକ ଐତିହ୍ୟ ଗଣ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ ଓଡ଼ିଶାର ବୀରତ୍ୱ ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଆଜିର ଏହି ଐତିହ୍ୟ ଦୌଡ଼ କେବଳ ଏକ ଶାରୀରିକ ବ୍ୟାୟାମ ନୁହେଁ, ବରଂ ଆମର ସମୃଦ୍ଧ ଅତୀତ ସହ ଯୋଡ଼ି ହେବାର ଏକ ମାଧ୍ୟମ। ମହାମେଘବାହନ ଐର ଖାରବେଳଙ୍କ ବିଜୟ ଅଭିଯାନ, ଶେଷ ସ୍ୱାଧୀନ ସମ୍ରାଟ ମୁକୁନ୍ଦ ଦେବଙ୍କ ଅଦମ୍ୟ ସାହସ ଏବଂ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିବା ସମ୍ରାଟ ଅଶୋକଙ୍କ ଇତିହାସ ଆମ ମାଟିକୁ ଗୌରବାନ୍ୱିତ କରିଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓଡ଼ିଶାର ଐତିହ୍ୟର ସୁରକ୍ଷା ଉପରେ

## ସାମିଲ ହେଲେ ଛାତ୍ରଛାତ୍ରୀ, ବିଏସଏଫ୍ ଯବାନ

ଗୁରୁତ୍ୱ ଦେଇ କହିଥିଲେ ଯେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ ବିଶ୍ୱବିଦିତ। ଏହି ଗୌରବମୟ ଇତିହାସକୁ ମନେ ପକାଇବା ସହ ଆମର ଐତିହ୍ୟ ସ୍ଥଳୀଗୁଡ଼ିକର ସଂରକ୍ଷଣ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଏହି ଐତିହାସିକ ଦୌଡ଼ ମାଧ୍ୟମରେ ଆମେ ଆମର ବୀର ଯୋଦ୍ଧା ଓ ପୂର୍ବପୁରୁଷଙ୍କ ପ୍ରତି ସମ୍ମାନ ଜଣାଉଛୁ, ଯାହା ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମ ଓ ସଚେତନତା ଜାଗ୍ରତ କରିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥାର ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ଡୁରୁକ୍, ଜିଲ୍ଲା ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ଉପସ୍ଥିତ ଥିଲେ। ସେହିପରି ସୀମା ସୁରକ୍ଷା ବଳର ବରିଷ୍ଠ ଅଧିକାରୀ ଓ ଯବାନମାନେ ମଧ୍ୟ ଏହି ଦୌଡ଼ରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅନ୍ୟାନ୍ୟ ଅତିଥି ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଦୌଡ଼ର ଗୁରୁତ୍ୱ ଉପରେ ଆଲୋକପାତ କରି ଏକ ସ୍ୱରରେ କହିଥିଲେ ଯେ ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଶାର ଐତିହ୍ୟ ପ୍ରତି ଆଗ୍ରହ ବଢ଼ିବା ସହ ଶୃଙ୍ଖଳିତ ଜୀବନଶୈଳୀ ଗଠନରେ ଏହା ସହାୟକ ହେବ। ଏହି ଐତିହାସିକ ଦୌଡ଼ ଆମର ବୀର ଯୋଦ୍ଧାମାନଙ୍କ ପ୍ରତି ଏକ ପ୍ରକୃତ ସମ୍ମାନ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଡୁରୁକ୍‌ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ ଓ କଲେଜର ଶତାଧିକ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ବିଭାଗର ସମସ୍ତ କର୍ମଚାରୀ ଏହାକୁ ସଫଳ କରିବାରେ ସହଯୋଗ କରିଥିଲେ।

# ଗୁରୁକୁଳ ଆଶ୍ରମର ଭୂମିପୂଜନ କଲେ କୋରାପୁଟ ବିଧାୟକ



ବୈପାରୀଗୁଡ଼ା,୫।୪(ସମିସ): ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ପଞ୍ଚାୟତର ତେନ୍ତୁଲିଗୁଡା ଠାରେ ଗୁରୁକୁଳ ଆଶ୍ରମ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଆଦକ୍ଷ ରାଗୁରାମ ମାଛ ଯୋଗ ଦେଇ ଆନୁଷ୍ଠାନିକ ଭାବେ ନଡ଼ିଆ ଭାଙ୍ଗି ଭୂମି ପୂଜକ ସମ୍ପନ୍ନ କରିଥିଲେ। ବିନୟ ଗୁରୁଜୀଙ୍କ ନେତୃତ୍ୱରେ ଗତ କୁଡିଏ ବର୍ଷ ପୂର୍ବେ କେନ୍ଦୁଗୁଡା ପଞ୍ଚାୟତର ତେନ୍ତୁଲିଗୁଡା ଠାରେ ଅଳ୍ପ କିଛି ଶିଷ୍ୟଙ୍କୁ ନେଇ ଗୁରୁକୁଳ ଆଶ୍ରମ ଆରମ୍ଭ ହୋଇଥିଲା। ଏଠାରେ ଶିକ୍ଷା ସହ ସଂସ୍କାର, ଚରିତ୍ର ଗଠନ,ଆଧାଡିକ, ସଂସ୍କୃତି ଉନ୍ନତି ବିଷୟକୁ ନେଇ ଶିକ୍ଷା ପ୍ରଦାନ କୋରାଯାଉଛି। ଆଜି କୋରାପୁଟ ବିଧାୟକଙ୍କ ଦ୍ୱାରା ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଇନଜୀବୀ ବିଶ୍ୱଜିତ ନାୟକ ବିଧାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିରେ ବୁଦ୍ରା ପ୍ରଧାନୀ, କୃଷ୍ଣ ନାୟକ, ସୁବାଷ ଖେମୁଡୁ, ନିରଞ୍ଜନ ପୂଜାରୀ, ପ୍ରତାପ ମୁରିଆ, ଡମ୍ବୁରୁ ନାୟକ ଓ ସାଦନ ସାଗରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଘର ଭଙ୍ଗା, ଗୋଷ୍ଠୀ ଉତ୍ତେଜନା ଘଟଣାର ସମାଧାନ



ମାଲକାନଗିରି, ୫।୪(ସମିସ): ମାଲକାନଗିରି ଜିଲ୍ଲା ପାଲକୋଣ୍ଡା ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ଏହାର ସମାଧାନ କରିଛି ଜିଲ୍ଲା ପ୍ରଶାସନ। ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପାଲକୋଣ୍ଡା ଗ୍ରାମରେ ଦୁଇ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମଧ୍ୟରେ ପୂଜାର୍ଚ୍ଚନା କରିବାକୁ ନେଇ ଗୋଷ୍ଠୀ କନ୍ଦଳ ହୋଇଥିଲା। ତେବେ ଏହି କନ୍ଦଳରେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ୩ ଜଣଙ୍କ ଘରକୁ ଅନ୍ୟ ଗୋଷ୍ଠୀର ଲୋକେ ଭଙ୍ଗାରୁଜା କରିଥିଲେ। ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ଏହି ଖବର ପାଇ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଗ୍ରାମରେ ପହଞ୍ଚି ୫ଜଣଙ୍କୁ ଅଟକ ରଖିଥିଲେ। ପରେ ପରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁଯାୟୀ ଗ୍ରାମରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଅତିରିକ୍ତ ଏସପି ରାଜକିଶୋର ଦାସ, ପୋଲିସ ଏସଡିପିଓ ଅଂଶୁମାନ ଦଳେଇ ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମରେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକେ ନିଜର ପୂଜା ତଥା ପ୍ରାର୍ଥନା କାର୍ଯ୍ୟକ୍ରମ ଗ୍ରାମରୁ ବାହାରେ ଏକ ସ୍ଥାନରେ କରିବେ ବୋଲି ଆଲୋଚନା କରି ନିଷ୍ପତ୍ତି ନିଆଯାଇ ଥିଲା। ଏହା ସହ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଶାନ୍ତିରେ ରହିବା ପାଇଁ ଆଲୋଚନା କରାଯାଇ ଏହାର ସମାଧାନ କରାଯାଇଥିବା ପ୍ରଶାସନିକ ଅଧିକାରୀ ମାନେ ପ୍ରକାଶ କରିଛନ୍ତି।

## କାଳ ବୈଶାଖୀ ପ୍ରଭାବ

# ଗଛପଡ଼ି ଗୁଡ଼ାରୀ-ଗୁମୁଡ଼ା ରାସ୍ତା ଅବରୋଧ



ଗୁଡାରି, ୫।୪(ସମିସ): ରାୟଗଡ଼ା ଜିଲ୍ଲା ଗୁଡାରି ବ୍ଲକ ଏବଂ ପରିଷଦରେ କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ରବିବାର ଅପରାହ୍ନରେ କାଳ ବୈଶାଖୀ ପ୍ରବଳ ବର୍ଷା ପବନ ଯୋଗୁଁ ଗୁଡାରୀ ବ୍ଲକର ବଲିଗୁଡ଼ା ଠାରୁ କୁଡିଙ୍ଗି ମୁଖ୍ୟ ରାସ୍ତା ଉପରେ ଗଛ ପଡି ରାସ୍ତାଟି ସମ୍ପୂର୍ଣ୍ଣ ଅବରୋଧ ହୋଇଯାଇଥିଲା। ସେହି ସମୟରେ କୌଣସି ଏକ ୧୦୮ ଆମ୍ବୁଲାନ୍ସ ଗାଡିର ଡ୍ରାଇଭର ଜରୁରୀ କାଳିନ ନଂ ୧୦୨ କଲ କରି ଗୁଡାରୀ ଅଗ୍ନିଶମ ବିଭାଗ ଜଣାଇଥିଲେ। ଖବର ପାଇବା ମାତ୍ରେ ଅଗ୍ନିଶମ ବିଭାଗର ଏଲଏଫଏଫବି. ବଡ଼ରହିତ, ସୋରଜ କୁମାର ବେହେରା ଏଫଏଫ ଡିଜେ ସ୍ୱାଇଁ, ଦାଶରଥି ପାତ୍ର, ଯଶମନ୍ତ କହଁର, ସଞ୍ଜୟ ସେଠି ଉପସ୍ଥିତ ରହି ମୁଖ୍ୟ ରାସ୍ତାରୁ ଗଛ କାଟି ବାହାର କରିଥିଲେ। ସେହିପରି ପେଣ୍ଡିଲି ଗ୍ରାମପଞ୍ଚାୟତ ଢେପାଗୁଡା ଠାରେ କାଳ ବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି। ଗୁଡାରି ବ୍ଲକ ପେଣ୍ଡିଲି ଗ୍ରାମପଞ୍ଚାୟତ ଢେପାଗୁଡା ଠାରେ କାଳ ବୈଶାଖୀ ପ୍ରଭାବରେ ପଣ୍ଡେଲି ପଞ୍ଚାୟତର ଢେପାଗୁଡ଼ା ଗ୍ରାମରେ ତୁହାକୁ ତୁହା ପ୍ରବଳ ବର୍ଷା ସାଙ୍ଗକୁ ପବନ, ବିଜୁଳି ଘଡଘଡି ହୋଇଥିଲା। ଫଳରେ ଢେପାଗୁଡା ଗାଁ ନିକଟ ସ୍କୁଲ ସାମନାର ଏକ ବିରାଟ ଗଛ ପଡି ବିଜୁଳି ତାର ଛିଡି ଯାଇ ରାସ୍ତା ଅବରୋଧ ହୋଇଯାଇଛି । ସ୍ଥାନୀୟ ଲୋକେ ଗଛ କାଟି ସଫା କରି ଥିବାରୁ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ସବ୍‌ଷ୍ଟେସନରୁ ଗାଁ ଭିତରକୁ ଯାଇଥିବା ମୁଖ୍ୟ ବିଦ୍ୟୁତ ତାର ସମ୍ପୂର୍ଣ ଭାବେ ଛିଡି ଯାଇ ଥିବାରୁ ବିଜୁଳି ଠପ୍ ହୋଇଯାଇଛି। ସେହିପରି କେତେକ ସ୍ଥାନରେ ଗାଇ ଗୁହାଳର ଆଜବେଷ୍ଟ ଟିଣ ଉଡାଇ ଦେଇଥିବା ଜଣା ପଡିଛି।

# ଫୁଲଭଟ୍ଟା ପଞ୍ଚାୟତରେ ଖୋଲିଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

କୁନ୍ଦୁରା, ୫।୪(ସମିସ): ବିଭିନ୍ନ ବିଦ୍ୟାଳୟ ପ୍ରବେଶ ଉତ୍ସବ ଅବସରରେ କୁନ୍ଦୁରା ବ୍ଲକର ଉପାନ୍ତ ଫୁଲଭଟ୍ଟା ପଞ୍ଚାୟତବାସୀଙ୍କ ଦାବୀ ପୂରଣ ହୋଇଛି। ଚଳିତ ଶିକ୍ଷା ବର୍ଷ ଠାରୁ ପଞ୍ଚାୟତ ସଦର ମହକୁମା ସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ନାମ ଲେଖା ଆରମ୍ଭ ହୋଇଛି। ପୂର୍ବରୁ ଏହି ପଞ୍ଚାୟତରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢିବା ବ୍ୟବସ୍ଥା ଥିବା ବେଳେ ଉଚ୍ଚ ଶ୍ରେଣୀ ସୁବିଧା ନ ଥିବାରୁ ବହୁ ପିଲା ଅଧାରୁ ପାଠ ଛାଡୁଥିଲେ। ଏହି ସମସ୍ୟାକୁ ନେଇ ବହୁବାର ଦାବୀ କରି ଆସୁଥିଲେ ଅଞ୍ଚଳବାସି। ଶେଷରେ ଏବେ ଦାବୀ ପୂରଣ ହେଲା। ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପତ୍ର ତା ୨/୯/୨୫, ସଂଖ୍ୟା ୨୮୮୮/୨୫ ପ୍ରକାରେ ଏଠାରେ ଷଷ୍ଠ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ନାମ ଲେଖା ଆରମ୍ଭ ହୋଇଛି। ଏହି ପଂଚାୟତର ବିଷଭଟ୍ଟା, ଭଟ୍ଟାପାଣି, କାଉଝରଣ ଆଦି ଗାଁର ଯେଉଁ ପିଲା ଅଧାରୁ ପାଠ ଛାଡୁଥିଲେ ସେମାମଙ୍କ ପାଇଁ ସୁବିଧା ହେଲା। ଶିକ୍ଷା ସମସ୍ୟା ଏବେ ଦୂର ହୋଇଛି କ୍ଷ ଅଞ୍ଚଳ ବାସୀଙ୍କ ବହୁ ବର୍ଷର ଦାବୀ ପୂରଣ ହୋଇଛି। ଏ ନେଇ ଏସ୍ ଏମ୍ ସି ସଭାପତି କମଳଲୋଚନ ସାନ୍ତା ଏବଂ ପଞ୍ଚାୟତବାସୀ ଘାସିରାମ ଜାନୀ, ସୁବା ସାନ୍ତା, ଶୁକ୍ରୁ କ୍ରାଇସକା, ଗୁପ୍ତ ସାନ୍ତା, ସଦା ମୁଦୁଲି, ସାଇବ ସାନ୍ତା, ଗୁରୁନାଥ ସାନ୍ତା, କୁମୁଟି ସାନ୍ତା ଓ ଗୁରୁବନ୍ଧୁ ଜାନୀ ପ୍ରମୂଖ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ଶିକ୍ଷା ବିଭାଗକୁ କୃତଜ୍ଞତା ଜଣାଇଛନ୍ତି।

# ସ୍ୱତନ୍ତ୍ର ଶିବିରରେ ସଚେତନମୂଳକ କାର୍ଯ୍ୟକ୍ରମ



ସେମିଳିଗୁଡ଼ା, ୫।୪ (ସମିସ): ସେମିଳିଗୁଡା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ମହିଳା ୟୁନିଟ୍ ଓ ପୁରୁଷ ୟୁନିଟ୍ ପକ୍ଷରୁ ଉତ୍କଳ ଦିବସ ଅବସରରେ କୋଡ଼ିଗାଁ ଜାନିଗୁଡ଼ାରେରେ ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଶିବିରର ବିଭିନ୍ନ ସଚେତନ ମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଗ୍ନିଶମ ବିଭାଗ ଦ୍ୱାରା ଅଗ୍ନି ଜନିତ ବିଭିନ୍ନ ଦୁର୍ଘଟଣାରୁ ସୁରକ୍ଷା, ବନ୍ୟାକାଳୀନ ବିପର୍ଯ୍ୟୟରୁ ରକ୍ଷା, ଗ୍ରାମର ଘରଘର ବୁଲି ସର୍ବେକ୍ଷଣ କରାଯାଇଥିଲା। ତୃତୀୟ ଦିବସରେ ଘରଘର ବୁଲି ର୍ବେକ୍ଷଣ କରିବା ସହିତ ସ୍ୱଚ୍ଛତା ଅଭିଯାନ କରିବା ସହିତ ଏକ ଶୋଭାଯାତ୍ରା କରିଥିଲେ। ଅପରାହ୍ନରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର କାଉନ୍‌ସେଲର ଯଶ୍ୱସିନି ରଥ ଓ ସୁନବେଢ଼ା ସ୍ୱାସ୍ଥ୍ୟକେନ୍ଦ୍ରର କାଉନସେଲର ଅଶ୍ୱନୀ କୁମାର ରଥ ଏଡ୍ସ ଭୂତାଣୁ ବ୍ୟାପିବାର କାରଣ ତାର ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକ ଡ. ବିଦ୍ୟୁତ୍ ପ୍ରଭା ରାଉତ ସ୍ୱେଚ୍ଛାସେବୀମାନଙ୍କ କର୍ତ୍ତବ୍ୟ, ଦାୟିତ୍ୱ ଓ ଭୂମିକା ସମ୍ପର୍କରେ ସଚେତନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ରମେଶ କୁମାର ମଲ୍ଲିକ, ସ୍ନିଗ୍ଧା ପଟ୍ଟନାୟକଙ୍କ ତତ୍ତ୍ୱାବଧାନ ଓ ଅଧ୍ୟାପିକା ବିଜୟଲକ୍ଷ୍ମୀ ଦଳେଇ, ରୋହିଣୀ ସିରିକା, ଶେଷଦେବ ମିଶ୍ର, ରାକେଶ ଦାସ, ଜଳନ୍ଧର ଟାଡିଙ୍ଗିଙ୍କ ସହଯୋଗରେ ଶିବିରରେ ସେଚ୍ଛାସେବୀ ବହୁ ଆଗ୍ରହରେ ସମସ୍ତକାର୍ଯ୍ୟ ପରିଚାଳିତ କରୁଛନ୍ତି।

# ଓଡ଼ିଆ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା



କୋରାପୁଟ, ୫।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡିକରେ ଓଡ଼ିଆରେ ସ୍ୱଷ୍ଟ ଭାବେ ନାମଫଳକ ଲେଖିବା ସମ୍ବନ୍ଧୀୟ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପଦଯାତ୍ରାକୁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବର, କୋରାପୁଟ ଏବଂ ଜୟପୁର ଉପଖଣ୍ଡ ଆଇଟିଡିଏ ପ୍ରକଳ୍ପ ପରିଚାଳକ ତୃପ୍ତି ବରାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଚେତନତା ଅଭିଯାନ ତଥା ପଦଯାତ୍ରା କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଏହାଛଡା ସମସ୍ତ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖିବା ସଂକ୍ରାନ୍ତୀୟ ଏକ ବାର୍ତ୍ତା ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ପୂର୍ବକ ସଚେତନ କରାଯାଇଛି। ଏହି ପଦଯାତ୍ରାରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାଣିଜ୍ୟ ସଂଗଠନର କର୍ମକର୍ତ୍ତା ଏବଂ ସ୍କୁଲ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସମ୍ବର୍ଦ୍ଧନା



ଉମରକୋଟ, ୫।୪(ସମିସ): ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ କ୍ୟାବିନେଟ ବୈଠକରେ ରାଜ୍ୟରେ ମେଡିକାଲ, ଇଂଜିନିୟରିଂ ଏବଂ ଅନ୍ୟ ପ୍ରଯୁକ୍ତି ବିଦ୍ୟା ପାଠ୍ୟକ୍ରମରେ ଏସ୍‌ଟି, ଏସ୍‌ସି, ଏସ୍‌ଇବିସି ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ଅନୁମୋଦନ କରିଛନ୍ତି। ଏହି ଅନୁମୋଦନ ପରେ ନବରଙ୍ଗପୁର ଜିଲ୍ଲାର ଉମରକୋଟଠାରେ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସହ ଧନ୍ୟବାଦ ଜ୍ଞାପନ କରାଯାଇଛି। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଏହି ନିଷ୍ପତ୍ତିକୁ ଐତିହାସିକ ବୋଲି କହିବା ସହ ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢୀ, ମନ୍ଦିରା ନାୟକ, ସୋନ୍ତଷ ଶର୍ମା, କୁର୍ମା ରାଓ, ସୋନ୍ତଷ ସରକାର, ଶିବଶଙ୍କର ପତି , ଅର୍ଚ୍ଚନା ମଣ୍ଡଳ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତରଙ୍କ ବଦଳିକୁ ନେଇ ଅସନ୍ତୋଷ

ଉମରକୋଟ, ୫।୪(ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟରୁ ଅଭିଜ୍ଞ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସୁମନ୍ତ କୁମାର ରାଉଳଙ୍କ ବଦଳିକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଖବର ଶୁଣିବା ପରେ ସ୍ଥାନୀୟ ଜନସାଧାରଣଙ୍କ ମନରେ ଏକ ପ୍ରକାର ଭୟ ସୃଷ୍ଟି ହୋଇଛି। ଡା. ରାଉଳ ଦୀର୍ଘଦିନ ଧରି ଉମରକୋଟ ଓ ନବରଙ୍ଗପୁର ଭଳି ଉପାନ୍ତ ଅଞ୍ଚଳରେ ମହିଳାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିଲେ। ବର୍ଷ ବର୍ଷ ଧରି ସେ ଅନେକ ରୋଗୀଙ୍କ ସେବା କରିଛନ୍ତି। ଗର୍ଭବତୀ ମହିଳାଙ୍କ ନିରାପଦ ପ୍ରସବ କରିବା ପାଇଁ ଯଥା ସମ୍ଭବ ଚେଷ୍ଟା କରିଥାନ୍ତି ଓ ପରିବାର ଲୋକଙ୍କୁ ସାହସ ଯୋଗାଇ ଥାନ୍ତି। ରାଜ୍ୟର ଉପାନ୍ତ ଜିଲ୍ଲାର ସୀମାନ୍ତ ଅଞ୍ଚଳକୁ ବିଶେଷଜ୍ଞ ଡକ୍ଟର ଆସିବା ଓ ଯିବାରେ ରେକର୍ଡ ରହିଛି। ଯେ କୌଣସି ବିଶେଷଜ୍ଞ ଡକ୍ଟର ଆସିବା ପରେ ଯିବା ପାଇଁ ଦିନ ଗଣୁଥାନ୍ତି ଏବଂ ସୁବିଧା ସୁଯୋଗ ଦେଖି ସେମାନେ ଏଠାରୁ ଚାଲି ଯାଇଥିବା କଥା ସମସ୍ତେ ଭଲ ଭାବେ ଜାଣିଛନ୍ତି। ଏଭଳି ପରିସ୍ଥିତିରେ ଉପାନ୍ତ ଅଞ୍ଚଳରୁ ଜଣେ ଅଭିଜ୍ଞ ସ୍ତ୍ରୀ ରୋଗ ବିଶେଷଜ୍ଞ ଡକ୍ଟରଙ୍କୁ ଏଠାରୁ ବଦଳି କରି ଦିଆଯିବା କେତେଦୂର ଯୁକ୍ତି ଯୁକ୍ତ ତାକୁ ନେଇ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ସୃଷ୍ଟି କରୁଛି। ଅନ୍ୟପଟେ ଜିଲ୍ଲାରେ ସ୍ଥାୟୀ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତରଙ୍କ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟ, ଉମରକୋଟ ଓ ପାପଡାହାଣ୍ଡି ଠାରେ ଜଣେ ଲେଖାଏଁ ରହିଛନ୍ତି । ଏଭଳି ପରିସ୍ଥିତିରେ ଡା. ରାଉଳଙ୍କୁ ବଦଳି କରାଗଲେ ଜିଲ୍ଲାରେ ଦୁଇଜଣ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡକ୍ଟର ରହିବେ। ଫଳରେ ଜିଲ୍ଲାରେ ରହୁଥିବା ଲକ୍ଷାଧିକ ଲୋକେ କିପରି ସେବା ପାଇ ପାରିବେ ଏବଂ ଜିଲ୍ଲାରେ ଡକ୍ଟରଙ୍କ ଅଭାବ ରହିଥିବା ବେଳେ ଡକ୍ଟରଙ୍କ ବଦଳି କେତେ ଯୁକ୍ତି ଯୁକ୍ତ ବୋଲି ଲୋକଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ତେଣୁ ସରକାର ବା ସ୍ଥାନୀୟ ମନ୍ତ୍ରୀ ଏହି ଘଟଣାରେ ହସ୍ତକ୍ଷେପ କରି ଡକ୍ଟରଙ୍କ ବଦଳିକୁ ବାତିଲ କରିବା ସହ ଜିଲାର ଯେ କୌଣସି ଚିକିତ୍ସାଳୟରେ ଡକ୍ଟର ରାଉଳଙ୍କୁ ଅବସ୍ଥାପିତ କରାଗଲେ ରୋଗୀ ଉପକୃତ ହେବେ ବୋଲି ସାଧାରଣରେ ଦାବି ହେଉଛି। ଉମରକୋଟ ଭଳି ଉପାନ୍ତ ଅଞ୍ଚଳରେ ଜଣେ ବିଶେଷଜ୍ଞ ୨୪ ଘଣ୍ଟା ରୋଗୀସେବା ଯୋଗାଇ ଲୋକଙ୍କ ପ୍ରିୟପାତ୍ର ହୋଇ ପାରିଛନ୍ତି । କିନ୍ତୁ କିଛି କୁଚକ୍ରୀ ଗୋଷ୍ଠୀ ଡାକ୍ତରଙ୍କ ଲୋକପ୍ରିୟତାକୁ ସହି ନପାରି ଏଭଳି ଷଡ଼ଯନ୍ତ୍ର କରିଥାଇ ପାରନ୍ତି ବୋଲି ଲୋକେ ଆଲୋଚନା କରୁଛନ୍ତି। ଯଦି ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ବଦଳିକୁ ବାତିଲ କରାନଯାଏ, ତାହେଲେ ଗର୍ଭବତୀ ମହିଳାଙ୍କ ସହ ପରିବାର ପରିଜନ ଅନେକ ସମସ୍ୟା ଭୋଗିବା ସହ ଖର୍ଚ୍ଚାନ୍ତ ହୋଇ ଜିଲ୍ଲା ଚିକିତ୍ସାଳୟ ବା ପଡୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ବାଧ ହେବେ ବୋଲି ଲୋକେ କହୁଛନ୍ତି। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଡକ୍ଟରଙ୍କ ବଦଳିକୁ ବାତିଲ କରିବାକୁ ଦାବି ହେଉଛି।

## ବଦଳି ବାତିଲ ଦାବି କଲେ ଅଞ୍ଚଳବାସୀ

# ଅମ୍ବାଦଳା ମେଡିକାଲରେ ଶବ ବ୍ୟବଚ୍ଛେଦ ବନ୍ଦ

ମୁନିଗୁଡା, ୫।୪(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ସରକାରୀ ମେଡିକାଲରେ ଶବ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା ନଥିବାରୁ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ମେଡିକାଲ ଉପରେ ପ୍ରାୟ ୯ ଟି ପଞ୍ଚାୟତର ଲୋକେ ନିର୍ଭର କରୁଥିବା ବେଳେ ଏପରି ଜରୁରୀ ସେବା ବନ୍ଦ ହେବା ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ପୂର୍ବରୁ ଅମ୍ବାଦଳା ମେଡିକାଲରେ ଶବ ବ୍ୟବଚ୍ଛେଦ ସୁବିଧା ଉପଲବ୍ଧ ଥିଲା। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ସହଜରେ ସେବା ପାଇଥିଲେ। କିନ୍ତୁ ବର୍ତ୍ତମାନ ସେହି ବ୍ୟବସ୍ଥା ବନ୍ଦ ହୋଇଯାଇଥିବାରୁ ମୃତଦେହକୁ ମୁନିଗୁଡାକୁ ନେଇ ଶବ ବ୍ୟବଚ୍ଛେଦ କରାଇବାକୁ ପଡୁଛି। ଏହାର ଫଳରେ ଗରିବ ଓ ଦୂରଦୂରାନ୍ତର ଲୋକମାନେ ବେଶୀ ଅସୁବିଧାରେ ପଡୁଛନ୍ତି। ଯାତାୟାତ ଖର୍ଚ୍ଚ, ସମୟ ଓ ଅସୁବିଧା ନେଇ ସ୍ଥାନୀୟ ଲୋକମାନେ ଚିନ୍ତା ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାବି, ଶୀଘ୍ର ଅମ୍ବାଦଳା ମେଡିକାଲରେ ପୁଣିଥରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ଚାଲୁ କରାଯାଉ, ଯାହାଦ୍ୱାରା ଲୋକମାନେ ଏପରି ଅସୁବିଧାରୁ ମୁକ୍ତି ପାଇ ପାରିବେ। ନଚେତ ଆଗାମୀ ଦିନରେ ରାଜ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ସାଂସଦ ପ୍ରତିନିଧି ରଜନୀ କାନ୍ତ ପୋଡାଲ, ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହୀ, ସନ୍ତୋଷ ଆଚାରି, ଜଗନ୍ନାଥ ପ୍ରସାଦ, ବାବୁ ମୁଖାର୍ଜୀ, ରାମ ପ୍ରକାଶ କରକରିଆ, ରଘୁ ମହାନ୍ତି, ପଞ୍ଚାନନ କରକରିଆ, ସନ୍ତୋଷ ପାତ୍ର, ତ୍ରିନାଥ ପାତ୍ର, ଜି.ମୁରଲୀ ମୋହନ, ବି.ଭେଙ୍କେଟସ୍ୱର ପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

## ୯ ପଞ୍ଚାୟତବାସୀ ହନ୍ତସନ୍ତ

# ଓଡ଼ିଶା ଜନତା କଂଗ୍ରେସ ଦଳର ସମାବେଶ

ସେମିଳିଗୁଡା, ୫।୪(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡାରେ ଓଡ଼ିଶା ଜନତା କଂଗ୍ରେସ ଦଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଓଡ଼ିଶା ଜନତା କଂଗ୍ରେସ ଦଳ ପ୍ରତିଷ୍ଠାତା ମହମ୍ମଦ ମୋକିମ କୋରାପୁଟ ଜିଲ୍ଲାର ଗସ୍ତ କରି ନୂତନ ଦଳରେ ଯାତ୍ରା ଆରମ୍ଭ କରିଛନ୍ତି। ସେମିଳିଗୁଡା ଠାରୁ ଏହି ଅବସରେ ଏକ ରାଲି ମଧ୍ୟମରେ ମହମ୍ମଦ ମୋକିମ ଙ୍କୁ ସ୍ୱାଗତ କରାଗଲା ପରେ ଏକ ପ୍ରାଇଭେଟ୍ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମ ରେ ସୁନାବେଢ଼ା, ସେମିଳିଗୁଡା ଅଞ୍ଚଳର ବିଭିନ୍ନ ଦଳର ନେତା ଓ କର୍ମୀ ଓଡ଼ିଶା ଜନତା କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ଓଡିଶା ଜନତା କଂଗ୍ରେସ ଦଳ କୋରାପୁଟବାସୀଙ୍କ ସ୍ୱର ହେବ ବୋଲି ଓଡ଼ିଶା ଜନତା କଂଗ୍ରେସର ରାଜ୍ୟ ସଭାପତି ମହମ୍ମଦ ମୋକିମ କହିଛନ୍ତି। ଆଗାମୀ ମ୍ୟୁନିସିପାଲିଟି ନିର୍ବାଚନରେ ଓଡ଼ିଶା ଜନତା କଂଗ୍ରେସ କୋରାପୁଟ, ସୁନାବେଢ଼ା ଓ ଜୟପୁରରେ ପ୍ରାର୍ଥୀ ଦେବ ବୋଲି ସୂଚନା ଦେଇଛନ୍ତି। ଦଳରେ ମନୋଜ କୁମାର ବାଗ, ସଦାଶିବ ବାରିକ, ଆପ୍ପାରାଓ, ଏସ.ଶଙ୍କର ରାଓ ଯୋଗ ଦେଇଛନ୍ତି।

# ପ୍ରଦୀପ କୁମାର ମିଶ୍ର ଏରୋନଟିକ୍ସ ଡିଏଭି ହାଇସ୍କୁଲର ପ୍ରଧାନ ଶିକ୍ଷକ ନିଯୁକ୍ତ



ସୁନାବେଢ଼ା, ୫।୪ (ସମିସ): ସୁନାବେଡା ହାଲ୍ ସହରାଞ୍ଚଳର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଏରୋନୋଟିକ୍ସ ଡିଏଭି ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ ପ୍ରଦୀପ କୁମାର ମିଶ୍ର ପୁନଃ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜଣେ ଉଚ୍ଚ କୋଟୀର ଶିକ୍ଷାବିତ୍ ଓ କୁଶଳୀ ପ୍ରଶାସକ ଭାବେ ଶ୍ରୀ ମିଶ୍ରଙ୍କ ଯଥେଷ୍ଟ ଖ୍ୟାତି ରହିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକତ୍ତୋର ଡିଗ୍ରୀ ହାସଲ କରିବା ପରେ ଶ୍ରୀ ମିଶ୍ର ଫୁଲବାଣୀ ଜିଲ୍ଲାର ଟିକାବାଲି କଲେଜରେ ଅର୍ଥନୀତି ବିଭାଗର ଅଧ୍ୟାପକ ଭାବେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ରାଞ୍ଚି ଆର୍ମି ପବ୍ଲିକ ସ୍କୁଲ, ପଞ୍ଜାବ ଆର୍ମି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଭାବେ ତଥା ଭିଏସ ବିଦ୍ୟାଳୟର ଉପାଧ୍ୟକ୍ଷ ଭାବେ ସଫଳତାର ସହ ଦାୟିତ ନିର୍ବାହ କରିବା ପରେ ୨୦୨୨ ରୁ ୨୦୨୪ ମସିହା ପର୍ଯ୍ୟନ୍ତ ଏରୋନୋଟିକ୍ସ ଡିଏଭି ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ପ୍ରଧାନ ଶିକ୍ଷକ ଭାବେ ତାଙ୍କର ଉକ୍ତ କାର୍ଯ୍ୟକାଳ ସମୟରେ ବିଦ୍ୟାଳୟର ଶୈକ୍ଷିକ ତଥା ଅନେକ ଗଠନ ମୂଳକ ବିକାଶ ହୋଇଥିବା ନଜରକୁ ଆସିଥିଲା। ପରେ ଶ୍ରୀ ମିଶ୍ରଙ୍କୁ ଭିଏସ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ବର୍ତ୍ତମାନ ଏପ୍ରିଲ ପହିଲାରୁ ପ୍ରଦୀପ କୁମାର ମିଶ୍ର ଏଡିଏଭି ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜଣାଯାଇଛି। ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଶ୍ରୀ ମିଶ୍ରଙ୍କୁ ସବୁ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ପଞ୍ଜୀଲ ଜଙ୍ଗଲ ନିଆଁ ନିୟନ୍ତ୍ରଣ



ନନ୍ଦପୁର, ୫।୪ (ସମିସ): ନନ୍ଦପୁର ଥାନା ଅନ୍ତର୍ଗତ ଟିକରପଡା ଗ୍ରାମପଞ୍ଚାୟତ ଅଧୀନସ୍ଥ ପଞ୍ଜୀଲ୍ ଗ୍ରାମ ଜଙ୍ଗଲରେ ସନ୍ଧ୍ୟା ସମୟରେ ହୁ ହୁ ହୋଇ ନିଆଁ ଜଳୁଥିଲା। ଏହି ଖବର ନନ୍ଦପୁର ବନ ବିଭାଗ ନିକଟରେ ପହଞ୍ଚିବା ପରେ ବନପାଳ ଗୋପୀନାଥ ପାଙ୍ଗି ତୁରନ୍ତ ନନ୍ଦପୁର ଅଗ୍ନିଶମ ବିଭାଗକୁ ନେଇ ଜଙ୍ଗଲ ଅଭିମୁଖେ ପହଞ୍ଚିଥିଲେ। ନିଆଁ ହୁ ହୁ ଜଳୁଥିବା ଦେଖି ଗ୍ରାମବାସୀଙ୍କ ସହାୟତା ନେଇ ଅଗ୍ନିଶମ ବିଭାଗ ଦ୍ୱାରା ନିଆଁକୁ ଆୟତ କରିଥିଲେ । ପାଖାପାଖି ଦୁଇ ଏକର ପର୍ଯ୍ୟନ୍ତ ନିଆ ବ୍ୟାପି ଥିବା ଅନୁମାନ କରାଯାଉଛି। କେଉଁ ଦୁର୍ବୃତ୍ତ ନିଆଁ ଲଗାଇ ଜଙ୍ଗଲ ନଷ୍ଟ କରୁଛି ତାହାର ତଦନ୍ତ ଚାଲିଛି ବୋଲି ବାନପାଳ ଶ୍ରୀ ପାଙ୍ଗି କହିଛନ୍ତି। ସେପଟେ ପ୍ରତି ଗାଁରେ ଆମ୍ବ ନୂଆ ପର୍ବ ପରେ ଜନ୍ତୁ ଶିକାର ପାଇଁ ଜଙ୍ଗଲରେ ନିଆଁ ଲାଗିଥିବା କୁହାଯାଉଛି।

## ଲୋକଙ୍କୁ ପାଣି ମିଳୁନି

# ସପ୍ତାହ ହେଲା ମେଗା ପାଇପ୍‌ରୁ ନଷ୍ଟ ହେଉଛି ପାଣି



ବୈପାରୀଗୁଡ଼ା, ୫।୪(ସମିସ): ଖରା ଦିନେ ଉତ୍କଟ ପାନୀୟ ଜଳସଙ୍କଟ। ପାଣି ଟୋପାଏ ପାଇଁ ଆଉଟୁପାଉଟୁ ଲୋକେ। ଦୀପ ତଳ ଅନ୍ଧାର ଭଳି ପାଣି ପାଇଁ ହନ୍ତସନ୍ତ ବୈପାରୀଗୁଡା ବାସିନ୍ଦା । ଖରା ଦିନେ ଏଭଳି ପରିସ୍ଥିତିରେ ପାଣି ଅପଚୟ କେତେ ଦୂର ଯଥାର୍ଥ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ବୈପାରୀଗୁଡ଼ା ସଦର ମହକୁମା ସ୍ଥିତ ବିରଖମ୍ବ ସାହିରେ ନିର୍ମାଣ ଧୀନ ମେଗା ପାଇପରୁ ପାଣି ଅପଚୟ ହେଉଛି। କେବଳ ଯେ ଆଜି ଗୋଟିଏ ଦିନ କଥା ନୁହଁ, ଏଭଳି ଏକ ସପ୍ତାହ ଧରି ପାଣି ନଷ୍ଟ ହେଉଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ପାଇପରୁ ପାଣି ନଷ୍ଟ ହେବା ଏକବଡ଼ ସମସ୍ୟା, ବିଶେଷ କରି ଖରା ଦିନେ ପାଣି ଅପଚୟ ହେବା ଘଟଣା ସମସ୍ୟାକୁ ଗମ୍ଭୀର କରିଦେଉଛି । ଏହା ସରକାରୀ ଯୋଜନାର ଅସଫଳତା ଏବଂ ରକ୍ଷଣାବେକ୍ଷଣର ଅଭାବକୁ ସୂଚାଉଛି। ବିଶେଷ କରି ଫାଟିଯାଇଥିବା ପାଇପ ଏବଂ ଖୋଲା ଟ୍ୟାପ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି। ବିରଖମ୍ବ ସାହି ବାସିନ୍ଦା ପାଣି ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାନୀୟ ଜଳ ସମସ୍ୟା ନେଇ ବାରମ୍ବାର ବିଡିଓଙ୍କୁ ଗୁହାରି ପରେ ମଧ୍ୟ ପ୍ରଶାସନ ପକ୍ଷରୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇପାରିନାହିଁ। ମେଗା ତରଫରୁ କେବଳ ପାଇପ୍ ବିଛାଇ ଛାଡ଼ି ଦିଆଯାଇଛି। ପାଇପ୍ ବିଛାଇବା କାର୍ଯ୍ୟକୁ ତିନି ବର୍ଷ ବିତିଗଲାଣି। ଅନେକ ପାଇପ ଓ ପାଣି ପୋଷ୍ଟ ନଷ୍ଟ ବି ହୋଇଗଲାଣି। କିନ୍ତୁ ଏଯାଏଁ ପାନୀୟ ଜଳ ଯୋଗାଣ ହେଉ ନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକେ। ପାଇପ୍ ବିଛାଇବା ପାଇଁ ରାସ୍ତାଘାଟ ସବୁ ଖୋଳି ଦେଇ ଚାଲିଗଲେ ଠିକାଦାର। ରାସ୍ତା ମରାମତି ନକରି ଚାଲିଯାଇଥିବା ବେଳେ ଡ୍ରେନ୍ ଗୁଡ଼ିକ ମାଟି ଗୋଡ଼ିରେ ଅବରୋଧ ହୋଇଛି। ଫଳରେ ରାସ୍ତାରେ ପାଣି ଜମି ଯାତାୟାତ ବାଧାପ୍ରାପ୍ତ ହେଉଛି। ହଜାର ହଜାର ଲୋକେ ବର୍ଷ ତମାମ ଜଳ ସଙ୍କଟର ସମ୍ମୁଖୀନ ହେଉଥିଲେ ସୁଦ୍ଧା ପ୍ରଶାସନ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ସାଧାରଣରେ ପ୍ରଶ୍ନ ଉଠୁଛି ଯେ, ମେଗାର ଖୁଲମ ଖୁଲା ମନମାନୀ କାର୍ଯ୍ୟକୁ ପ୍ରଶୟ ଦେଉଛି କିଏ । ଏନେଇ ପରିମଳ ଓ ଜଳ ଯୋଗାଣ ବିଭାଗ ଏସଡିଓ ଅକ୍ଷୟ ପଟ୍ଟନାୟକଙ୍କୁ ଯୋଗାଯୋଗ କରାଯିବାରେ ସେ କହିଛନ୍ତି, ଅତିଶୀଘ୍ର ଏନେଇ ପଦକ୍ଷେପ ନିଆଯିବ।

# ବଂଶଧାରା ସୁରକ୍ଷା ସମିତିର ବୈଠକ



ଗୁଣୁପୁର, ୫।୪(ସମିସ): ଆଜି ବଂଶଧାରା ଟ୍ରିବ୍ୟୁନାଲ ଚୂଡ଼ାନ୍ତ ରାୟ ପରେ ବଂଶଧାରା ସୁରକ୍ଷା ସମିତିର ଏକ ଜରୁରୀକାଳୀନ ବୈଠକ ସ୍ଥାନୀୟ ବରିଷ୍ଠ ଓକିଲ ତଥା ସୁରକ୍ଷା ପରିଷଦର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ଓକିଲ ସଂଘର ସଭାପତି ରମେଶ ଚନ୍ଦ୍ର ଲିମା, ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରିୟ ପରିଷଦ ସଦସ୍ୟ ୟାଇ ଗଣପତି, ସମିତିର କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଦାସ, ସଦସ୍ୟ ଉମା ଶଙ୍କର ଦାସ, ଓକିଲ ରାଜ କିଶୋର ଦାସ, ପ୍ରବୀଣ କୁମାର ପଟନାୟକ, ଏସ. ଶିବାଜୀ ପ୍ରମୁଖ ଯୋଗ ଦେଇ ଏହି ପ୍ରକଳ୍ପ ନିର୍ମାଣକୁ ବିରୋଧାଭାସ କରିବା ସହ ବଂଶଧାରା ଉପର ମୁଣ୍ଡରେ ଜଳ ଅନିକଟ ନିର୍ମାଣ କରି ଟ୍ରିବ୍ୟୁନାଲ ରାୟ ପ୍ରକାରେ ୫୦ ଭାଗ ଜଳ ସୁବିନିଯୋଗ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବା ପାଇଁ ସ୍ଥିର କରାଯାଇଥିଲା। ଏହା ସହ ଆସନ୍ତାକାଲି ଗୁଣୁପୁର ଉପ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ପ୍ରକଳ୍ପ ପାଇଁ ରାୟଗଡ଼ା ଜିଲ୍ଲା ବିଜେପି ପ୍ରହରୀ ନାରାୟଣ ରାଓ ଏବଂ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଥାଉକି ନେରେଡି ଫେଜ୍-୨ ପ୍ରକଳ୍ପ ନିର୍ମାଣ ପାଇଁ ବଂଶଧରା ଅବବାହିକା ଉପର ମୁଣ୍ଡରେ ବର୍ଷା ଦିନରେ ଜଳମଗ୍ନ ହେବା ସହ ଗ୍ରୀଷ୍ମ ଦିନରେ ଜଳ ଶୁଷ୍କ ହେବାର ଆଶଙ୍କା ରହିଛି। ଏଥିସହ ୧୦୬ ଏକର ଜମି ଓଡ଼ିଶା ହରାଇବାର ସୁନିଶ୍ଚିତ ହୋଇପଡ଼ିଛି। ଶେଷରେ ସଦସ୍ୟ ଉମା ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ସହ ଆସନ୍ତା ଦିନରେ ସର୍ବଦଳୀୟ ବୈଠକ କରି ପ୍ରତିକାର ନିର୍ଣ୍ଣୟ କରିବା ପାଇଁ ନିଷ୍ପତି ହୋଇଛି।

